ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/14/2019-2021
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94

Vol.25 | Issue - 28 | 08 - 14 August 2021 | Sambalpur | Page-12 | Invitation Price Rs.10

# ୪୧ ବର୍ଷ ପରେ ହକିରେ ପଦକ ପାଇଲା ଭାରତ



ଟୋକିଓ: ଅଲିମ୍ପିକ ହକି ଖେଳରେ ଭାରତୀୟ ପୁରୁଷ ଦଳ ଇତିହାସ ସୃଷ୍ଟି କରିଛି । ମନପ୍ରୀତ ସିଂଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ୫-୪ ଗୋଲରେ ଜର୍ମାନୀକୁ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଛି । ଅଲିମ୍ପିକ୍ ହକିରେ ସବୁଠାରୁ ସଫଳ ଭାରତୀୟ ପୁରୁଷ ହକି ଦଳ ଦୀର୍ଘ ୪୧ ବର୍ଷ ପରେ ପଦକ ଜିତିବାରେ ସମର୍ଥ ହୋଇଛି । ଅଲିମ୍ପିକ୍ ହକିରେ ଏହା ହେଉଛି ଭାରତର ତୃତୀୟ କାଂସ୍ୟ ତଥା ମୋଟରେ ଦ୍ୱାଦଶ ପଦକ । ଏହା ପୂର୍ବରୁ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ଶେଷଥର ପଦକ (ସ୍ୱର୍ଣ୍ଣ) ହାସଲ କରିଥିଲା । ଏହି କାଂସ୍ୟ ବିଜୟ ସହ ଭାରତ ୧୨ ଟି ପଦକ ଜିତିବାରେ ସମର୍ଥ ହୋଇଛି । ଏହା ମଧ୍ୟରେ ରହିଛି ୮ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ ଟି କାଂସ୍ୟ । ୧୯୬୮ ମେକ୍ସିକୋ ଓ ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ଭାରତ ଦୁଇଟି କାଂସ୍ୟ ପଦକ ବିଜୟୀ ହୋଇଛି । ଟୋକିଓ କାଂସ୍ୟ ପଦକ ବିଜୟୀ ଭାରତୀୟ ହକି ଦଳରେ ଦୁଇ ଓଡ଼ିଆ ଖେଳାଳି ସୁନ୍ଦରଗଡ଼ର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ୍ ସାମିଲ ଥିଲେ ।

# ଗତ ଦଶନ୍ଧିର ଶ୍ରେଷ୍ଠ କ୍ରୀଡ଼ା ଆୟୋଜକ ରାଜ୍ୟ ଭାବରେ ସମ୍ମାନିତ ହୋଇଛି ଓଡ଼ିଶା

ସମ୍ବଲପୁର : କ୍ରିକେଟ ପ୍ରାଧାନ୍ୟ ଭାରତୀୟ କ୍ରୀଡ଼ାରେ ଜାତୀୟ ଖେଳ ଭାବରେ ପରିଚିତ ହକି ପ୍ରତି ଶିଳ୍ପ ସମୁଦାୟ କ୍ରୀଡ଼ାବିତ୍, ରାଜନୈତିକ କ୍ଷେତ୍ର ଆଦି ଉଦାସୀନ ମନୋଭାବ ପ୍ରଦର୍ଶନ କରୁଥିବା ସମୟରେ ନବୀନ ବଢ଼ାଇଥିଲେ ସହଯୋଗର ହାତ । ଅନାଦରର ଶିକାର ହୋଇଥିବା ଭାରତୀୟ ହକିର ଉଭୟ ପୁରୁଷ ଓ ମହିଳା ଦଳର ପ୍ରାୟୋଜକ ଦାୟିତ୍ୱ ଦେଶର ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ସରକାର ଗ୍ରହଣ କରିଥିଲେ । ଆଉ ଠିକ୍ ୩ ବର୍ଷ ପରେ ଦେଶ ସାଉଁଟିଛି ଏହାର ସୁଖଦ ସ୍ମୃତି । ହକିରେ ୪୧ ବର୍ଷର ଶୁଷ୍କ ଇତିହାସକୁ ଭୁଲି ଅଲିମ୍ପିକ୍ସରେ ପଦକ ଜିତିବାରେ ଗୌରବ ଅର୍ଜନ କରିଛି । ଅପରପକ୍ଷରେ ମହିଳା ହକି ଦଳ ପରାଜିତ ହୋଇଥିଲେ ମଧ ଅତ୍ୟନ୍ତ ଲଢୁଆ ଖେଳ ପ୍ରଦର୍ଶନ କରିଛନ୍ତି । ଅଲିମ୍ପିକ୍ସରେ ହକି ଦଳର ଏହି ସଫଳତା ନିମନ୍ତେ ଶୁଭେଚ୍ଛା ଓ ପ୍ରଶଂସାରେ ସମପରିମାଣରେ ଭାଗିଦାର ହୋଇଛି ଓଡ଼ିଶା । ଦେଶର ହକି ଦଳ ସହ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସାହସିକ ପଦକ୍ଷେପକୁ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଶଂସା କରିଛନ୍ତି । ଏକଦା ସ୍କୁଲ ହକି ଦଳର ଗୋଲକିପର ଥିବା ନବୀନ ଏବେ ଅଲିମ୍ପିକ୍ସ ବିଜେତା ହକି ଦଳର ପୃଷ୍ଠପୋଷକ । ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ରାଜ୍ୟର କ୍ରୀଡ଼ା ବିକାଶ ଉପରେ ନବୀନ ଗୁରୁତ୍ୱ ଦେଇ ଆସୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ସହ କ୍ରୀଡ଼ା ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ସେହିପରି ସ୍କୁଲସ୍ତରରେ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯିବା ସହ ସ୍ୱତନ୍ତ୍ର ଭାବରେ ପ୍ରୋତ୍ସାହିତ କରିବାକୁ ହୋଇଥିଲା ବ୍ୟବସ୍ଥା । ମାତ୍ର ଚତୁର୍ଥ ପାଳି ସରକାର ଗଠନ କରିବା ପରେ ୨୦୧୪ ରେ ହକିକୁ 'ମିଶନ' ଭାବରେ ଗ୍ରହଣ କରାଯାଇଛି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ରୂପାନ୍ତରଣ କରାଯାଇ ଆନ୍ତର୍ଜାତୀୟମାନର ହକି ଷ୍ଟାଡିୟମରେ ପରିଣତ କରାଯାଇଛି । ସେହିବର୍ଷ ଚାମ୍ପିଆନ୍ସ ଟ୍ରଫିର ସଫଳ ଆୟୋଜନ ପରେ ଓଡ଼ିଶା ଉପରର କେନ୍ଦ୍ରୀତ ହୋଇଥିଲା ସାରା ଦେଶର ଦୃଷ୍ଟି । ପରବର୍ତ୍ତୀ ସମୟରେ ହକି ବିଶ୍ୱ କପ୍, ବିଭିନ୍ନ ଲିଗ୍ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ଆୟୋଜନ କରାଯାଇ ପାରିଛି । ଯେଉଁଥିପାଇଁ ଓଡ଼ିଶା ଗତ ଦଶନ୍ଧିର ଶ୍ରେଷ୍ଠ କ୍ରୀଡ଼ା ଆୟୋଜକ ରାଜ୍ୟ ଭାବରେ ସମ୍ମାନିତ ହୋଇଛି । ହକିକୁ ପ୍ରୋତ୍ସାହିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତର୍ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି ।

୨୦୧୮ ମସିହାରେ ସାହାରା ଭାରତୀୟ ହକି ଦଳରୁ ପ୍ରାୟୋଜକ ପଦରୁ ଓହରିଯିବା ପରେ ଓଡ଼ିଶା ସରକାର ୫ ବର୍ଷ ଲାଗି ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ସମୟ ମଧ୍ୟରେ ଖେଳାଳିମାନଙ୍କୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଠାରୁ ଆରମ୍ଭ କରି ତାଲିମ ସହ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସେହିପରି ଓଡ଼ିଶାରେ ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତା ଆୟୋଜନ ଠାରୁ ଆରମ୍ଭ କରି ଭିତ୍ତିଭୂମି ନିର୍ମାଣ ପର୍ଯ୍ୟନ୍ତ ବିଗତ ବର୍ଷଗୁଡିକରେ ହକିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି । ଆଗାମୀ ୨୦୨୩ ରେ ଓଡ଼ିଶାରେ ହକି ବିଶ୍ୱକପ୍ ଆୟୋଜନ ପୂର୍ବରୁ ହକି ଏନ୍ତୁଡିଶାଳ ଭାବରେ ପରିଚିତ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା



ଠାରେ ଏସିଆର ବୃହତ୍ତମ ହକି ଷ୍ଟାଡିୟମ ନିର୍ମାଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ବିଶ୍ୱକପର ମ୍ୟାଚଗୁଡିକ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ । ସେହିପରି ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ହକି ଷ୍ଟାଡିୟମ ନିର୍ମାଣ କରାଯିବାକୁ ବ୍ୟବସ୍ଥା କରାଯାଇଛି ।

ଓଡ଼ିଶା ହକି ଦଳର ପ୍ରାୟୋଜକ ହେବା ପଛରେ ଏକ ରୋଚକ କାହାଣୀ ରହିଛି । ହକି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କର ପସନ୍ଦର ଖେଳ ଥିଲା, ଡୁନ୍ ସ୍କୁଲରେ ସେ ନିଜେ ମଧ ହକି ଖେଳୁଥିଲେ । ଯେତେବେଳେ ସାହାରା ଭାରତୀୟ ହକି ଦଳର ପ୍ରାୟୋଜକ ହେବାକୁ ରାଜି ହୋଇ ନ ଥିଲା, ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳୀନ କ୍ରୀଡ଼ା ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ । ସେତେବେଳେ ଶ୍ରୀ ପଟ୍ଟନାୟକ କହିଥିଲେ କୌଣସି ଖେଳକୁ ବଞ୍ଚାଇ ରଖିବା ପାଇଁ କେବଳ ଚେକ୍ ଦେଇଦେଲେ ହେବ ନାହିଁ କେବଳ ଖେଳାଳି ନୁହନ୍ତି ପୁରା ଦଳକୁ ଏଥିପାଇଁ ପରିଶ୍ରମ କରିବାର ଆବଶ୍ୟକତା ରହିଛି । ଖେଳ ପଡିଆରେ ଖେଳୁଥିବା ଖେଳାଳିଙ୍କ ସହ ପର୍ଦ୍ଦା ପଛରେ ରହୁଥିବା ବ୍ୟକ୍ତିଙ୍କର ମଧ ସମାନ ଭୂମିକା ରହିଛି । ତେଣୁ ଆମକୁ ମଧ କଠିନ ପରିଶ୍ରମ କରିବାକୁ ପଡିବ । ସେତେବେଳେ ପ୍ରାୟୋଜକ ରାଶି ୧୫୦ କୋଟି ଟଙ୍କା ଥିଲା । ମାତ୍ର ଟଙ୍କା ଅପେକ୍ଷା ଖେଳାଳିଙ୍କ ମନୋବଳ ବଢ଼ାଇବା ଆହୁରି ଜରୁରୀ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ହକି ଇଣ୍ଡିଆର ମୁଖ୍ୟ ନରିନ୍ଦର ବାତ୍ରାଙ୍କ ସହ ନିୟମିତ ସମ୍ପର୍କ ରଖି ରାଜ୍ୟ କ୍ରୀଡ଼ା ବିଭାଗ ଅଧିକାରୀମାନେ କାର୍ଯ୍ୟ କରି ଆସୁଛନ୍ତି । ଯାହାର ସଫଳତା ଏବେ ମିଳିଛି ।

# ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଖେଳରତ୍ନ ଧ୍ୟାନଚାନ୍ଦଙ୍କ ନାମରେ ନାମିତ



ନୂଆଦିଲ୍ଲୀ: ଟୋକିଓ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ପ୍ରଦର୍ଶନକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଖେଳରତ୍ନର ପୁନଃ ନାମକରଣ ନିଷ୍ପତ୍ତି ନେଇଛନ୍ତି । ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଏଣିକି ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ନାମରେ ଦିଆଯିବ । ଅର୍ଥାତ୍ ପୁରସ୍କାର ପୂର୍ବରୁ ରଜୀବ ଗାନ୍ଧୀ କଟିଯିବ ଓ ସେହି ସ୍ଥାନରେ ଧ୍ୟାନଚାନ୍ଦ ଲେଖାଯିବ । ସାରା ଦେଶରୁ ବହୁସଂଖ୍ୟକ ଅନୁରୋଧ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି । ୧୯୦୫ ଅଗଷ୍ଟ ୨୯ରେ ଉତ୍ତରପ୍ରଦେଶର ଆଲ୍ଲାହାବାଦରେ ମେଜର ଧ୍ୟାନଚାନ୍ଦ ଜନ୍ମ ଗ୍ରହଣ କରିଥିଲେ ।

ଅବଶିଷ୍ଟାଂଶ ୧୧ପୃଷ୍ଠାରେ

# ଭିସୁଟ୍ କୁଳପତି ଦାୟିତ୍ୱ ନେଲେ ପ୍ରଫେସର ବଂଶୀଧର ମାଝୀ



ବୁର୍ଲା : ପ୍ରଫେସର ବଂଶୀଧର ମାଝୀ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏ ପର୍ଯ୍ୟନ୍ତ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରୁଥିବା ପ୍ରଫେସର ବିଭୂତି ଭୂଷଣ ପତିଙ୍କ ଠାରୁ ଶ୍ରୀ ମାଝୀ ଦାୟିତ୍ୱ ନେଇଛନ୍ତି । ଶ୍ରୀ ମାଝୀ ୧୯୬୩ ମସିହାରେ ସମ୍ବଲପୁର ଜିଲ୍ଲା ଧମା ନିକଟସ୍ଥ ନୂଆଗାଁରେ ଜନ୍ମ ଗ୍ରହଣ କରିଥିଲେ । ସେ ଧମା ଏମ୍.ପି ହାଇସ୍କୁଲ ମାଟ୍ରିକ, ଗଙ୍ଗାଧର ମେହେର କଲେଜରୁ ଆଇ.ଏସ.ସି ଓ ସ୍ନାତକ ଆରଇସି ରାଉରକେଲାରୁ ଏମସିଏ, ଏମଟେକ ଓ ପିଏଚଡି ଶିକ୍ଷା ସମାପ୍ତ କରିଥିଲେ । ଅଧ୍ୟୟନ ସମାପ୍ତ କରି ସେହି ରାଉରକେଲା ଆରଇସିରେ ଅଧାପନା ଆରମ୍ଭ କରିଥିଲେ । ୨୦୧୭ ରେ ଆଇଆଇଆଇଟିଡିଏମ କାଞ୍ଚିପୁରମର ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଥିଲେ । ଗତ ଜୁନ୍ ୨୮ ତାରିଖରେ କୁଳାଧିପତି ତଥା ଓଡ଼ିଶାର ରାଜ୍ୟପାଳ ତାଙ୍କୁ ଭିସୁଟ୍ କୁଳପତି ଭାବେ ନିଯୁକ୍ତି ଦେଇଥିଲେ । ପ୍ରଫେସର ମାଝୀଙ୍କର ଅଧାପନା କ୍ଷେତ୍ରରେ ୩୦ ବର୍ଷରେ ଓ ପ୍ରଶାସନିକ କ୍ଷେତ୍ରରେ ୧୫ ବର୍ଷର ଅଭିଜ୍ଞତା ରହିଛି । ତାଙ୍କ ଅଧୀନରେ ଗବେଷଣା କରି ୧୯ ଜଣ ପିଏଚଡି ଓ ୮ ଜଣ ଏମଟେକ କରିଛନ୍ତି । ତାଙ୍କର ବହୁ ନିବନ୍ଧ ଜାତୀୟ ଓ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶିତ ହୋଇଛି ।

## ଏ ସଂଖ୍ୟାରେ..



ହର୍ମୋନ ତିଆରି କରେ ଲିଚୁ



ଦୃଷ୍ଟିଶକ୍ତିକୁ ପ୍ରଖର କରେ ଅଲିଭ ତେଲ



ଇନଫେକଶନ କମାଏ ଲେମ୍ବୁପାଣି



କୋଲେଷ୍ଟ୍ରେରଲ୍ କମାଇବ ଆଭୋକାଡୋ



ଭୃଙ୍ଗରାଜର ଉପକାରିତା

# ହାଇକୋର୍ଟ ବେଞ୍ଚ ସଂକ୍ରାନ୍ତରେ ରାଜ୍ୟ ସରକାର କେନ୍ଦ୍ରକୁ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଇ ନାହାନ୍ତି

ସମ୍ବଲପୁର: ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ହେଲା ଦାବି ହୋଇ ଆସୁଛି । ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱପ୍ନ ସାକାର ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଉଭୟ ରାଜ୍ୟ ଓ କେନ୍ଦ୍ର ମଧରେ କେବଳ ଚିଠି ଦିଆନିଆରେ ଏହା ସୀମିତ ରହିଛି । ଗତ ୨୦୧୩ ମସିହାରୁ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ମଧରେ ୮ ଥର ଚିଠି ଦିଆନିଆ ହୋଇଛି । କେବଳ ସେତିକି ନୁହେଁ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ବି ଉଭୟ କେନ୍ଦ୍ର ଓ ରାଜ୍ୟ ପକ୍ଷରୁ ସର୍ବମୋଟ ୪ ଥର ଚିଠି ଲେଖାଯାଇଥିବା ଜଣାପଡିଛି ।

ବରଗଡ଼ ସାଂସଦ ସୁରେଶ ପୂଜାରୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରସ୍ତାବ ସଂକ୍ରାନ୍ତରେ କରିଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ କହିଥିଲେ ଯେ, ଓଡ଼ିଶା ସରକାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । କେନ୍ଦ୍ର ସରକାର ଓଡ଼ିଶା ହାଇକୋର୍ଟଙ୍କ ପରାମର୍ଶ ନେବା ସହିତ କେଉଁ ସ୍ଥାନରେ ଏହା ସ୍ଥାପନ କରାଯିବ ସେ ସଂକ୍ରାନ୍ତରେ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାକୁ ଅନୁରୋଧ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଠାରୁ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସି ନାହିଁ ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

ନ୍ୟାୟ ପାଇଁ ହାଇକୋର୍ଟ ମାମଲା ଲଢ଼ିବା ନିମନ୍ତେ ପଶ୍ଚିମ ଓଡ଼ିଶାର ଲୋକଙ୍କୁ ବେଶ୍ ହଇରାଣ ହେବାକୁ ପଡୁଛି । ମାମଲା ଲଢ଼ିବା ପାଇଁ କଟକ ଦୌଡିବାକୁ ପଡୁଥିବାରୁ ଉଭୟ ସମୟ ଓ ଅର୍ଥ ବରବାଦ ହେଉଛି । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଆନ୍ଦୋଳନରେ ସମାଜର ସବୁବର୍ଗର ଲୋକେ ସାମିଲ ହୋଇଛନ୍ତି । ଆନ୍ଦୋଳନକୁ ଦୃଷ୍ଟିରେ ରଖି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବ ପ୍ରଥମେ ୨୦୦୭ ମସିହାରେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ପାଖକୁ ଚିଠି ଲେଖିଥିଲେ । ପୁନର୍ବାର ସମଗ୍ର ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ ତୀବ୍ର ହେବାରୁ ୨୮ ସେପ୍ଟେମ୍ବର ୨୦୧୩ ରେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଚିଠି ଲେଖିଥିଲେ ।

୧୫ ଅକ୍ଟୋବର ୨୦୧୩ ରେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀ ପାଖକୁ ଚିଠି ଆସିଥିଲା । ଇତି ମଧରେ ୨୦୧୩ ରୁ ୨୦୧୯ ମଧରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ମଧରେ ସର୍ବମୋଟ ୮ ଥର ଚିଠି ଦିଆ ନିଆ ହୋଇଛି । କେନ୍ଦ୍ର ଆଇନ ମନ୍ତ୍ରୀ ଭିତ୍ତିଭୂମି, ସ୍ଥାନ ଆଦି ସହିତ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେଖିବାକୁ କହୁଥିବା ବେଳେ ମୁଖ୍ୟମନ୍ତ୍ରୀ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ କେନ୍ଦ୍ର ସରକାର ଅନୁମତି ଦେଲେ ରାଜ୍ୟ ସରକାର ଆବଶ୍ୟକ ସବୁ ବ୍ୟବସ୍ଥା କରିବେ ବୋଲି କହୁଛନ୍ତି । କେନ୍ଦ୍ର ଆଇନ ମନ୍ତ୍ରୀ ମଧ ଏଥି ପାଇଁ ଓଡ଼ିଶାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ୩ ଥର ଚିଠି ଲେଖିଛନ୍ତି ।

୨୦୧୯ ମସିହାରେ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗକୁ ବେଶ୍ ତତ୍ପରତା ଦେଖାଇଥିଲେ । ଗତ ୨୮ ଅଗଷ୍ଟ ୨୦୧୯ ରେ ରାଜ୍ୟ ଗୃହ ବିଭାଗ ଏ ନେଇ ବିଜ୍ଞପ୍ତି ଜାରି କରିଥିଲେ । ଏଥି ପାଇଁ ନିକଟରେ ଗଠିତ ହୋଇଥିବା ୬ ସଦସ୍ୟ ବିଶିଷ୍ଟ ଉଚ୍ଚକ୍ଷମତା ସଂପନ୍ନ କମିଟିରେ ସାମାନ୍ୟ ସଂଶୋଧନ କରିଛନ୍ତି । ଉନ୍ନୟନ କମିସନରଙ୍କୁ କମିଟିର ମୁଖ୍ୟ କରାଯାଇଥିବା ବେଳେ ହାଇକୋର୍ଟ ଦାୟିତ୍ୱରେ ଥିବା ଗୃହ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଏହି କମିଟିର ଆବାହକ ରଖାଯାଇଛି । ଗୃହ, ଅର୍ଥ, ରାଜସ୍ୱ ଓ ଆଇନ ବିଭାଗର ସଚିବ ଏହି କମିଟିରେ ସଦସ୍ୟ ରହିଛନ୍ତି । ହେଲେ ରାଜ୍ୟ ସରକାରଙ୍କ ଏହି କମିଟି ଗଠନକୁ ନେଇ କଟକର ଜଣେ ଆଇନଜୀବୀ ହାଇକୋର୍ଟରେ ରିଟ୍ କରି ଚାଲେଞ୍ଜ କରିଛନ୍ତି । ଏହି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଥିବା ଅଭିଯୋଗ ହୋଇଛି ।

# ସମ୍ବଲପୁର ରୋଡ଼ ଷ୍ଟେସନକୁ ହେରିଟେଜ୍ ବିଲଡିଂ ଘୋଷଣା ଦାବି

ସମ୍ବଲପୁର: ସମ୍ବଲପୁର ରୋଡ ଷ୍ଟେସନକୁ ବନ୍ଦ କରିବା ପାଇଁ ଯୋଜନା ଚାଲିଥିବା ବେଳେ ହେରିଟେଜ ଷ୍ଟେସନ ଘୋଷଣା କରିବାକୁ ସମ୍ବଲପୁର ସାଂସଦ ନୀତେଶ ଗଙ୍ଗଦେବ ଦାବି କରିଛନ୍ତି । ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଗତ ଜୁନ ୨୦ରେ ଏହି ଷ୍ଟେସନ ବିଲଡିଂକୁ ହେରିଟେଜ ବିଲଡିଂ ଘୋଷଣା ପାଇଁ ସାଂସଦ ଧ୍ୟାନ ଆକର୍ଷଣ କରିଥିଲେ । ମହାତ୍ମା ଗାନ୍ଧୀ ତାଙ୍କ ପ୍ରଥମ ଗସ୍ତ ସମୟରେ ସମ୍ବଲପୁର ରୋଡ଼ ରେଳ ଷ୍ଟେସନରେ ପହଞ୍ଚି ଥିଲେ । ଏଥିସହ ସ୍ୱାଧୀନତା ସଂଗ୍ରାମ ପାଇଁ ସମ୍ବଲପୁର ଠାରେ ଏକ ଜନସଭାକୁ ସେ ସମ୍ବୋଧିତ କରିଥିଲେ ଦକ୍ଷିଣ ପୂର୍ବ ରେଳ ଡିଭିଜନ ଚକ୍ରଧରପୁର ରେଳ ମଣ୍ଡଳ ଅଧୀନରେ ଆସୁଥିବା ବାମରା, ଗଡ଼ପୋଷ ଓ ବାଗଡିହି ଷ୍ଟେସନ ଦେଇ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନର ରହଣି ସମ୍ପର୍କରେ ମଧ ସାଂସଦ ଗଙ୍ଗଦେବ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଗଡ଼ପୋଷ ଓ ବାଗଡିହି ରେଳ ଷ୍ଟେସନରେ ପୁରୀ- ହାଟିଆ ସ୍ୱତନ୍ତ୍ର, ରାଜଧାନୀ ଏକ୍ସପ୍ରେସ, ଇସ୍ପାତ ଏକ୍ସପ୍ରେସ ଓ ସମଲେଶ୍ୱରୀ ଏକ୍ସପ୍ରେସ ରହଣି ସମ୍ପର୍କରେ ଆଲୋଚନା କରିଥିଲେ । ଏହାବାଦ୍ ବାମରା ଷ୍ଟେସନରେ ଧନବାଦ -ଏଲିପି ଏକ୍ସପ୍ରେସ୍, ସମ୍ବଲପୁର- ଜମ୍ମୁତାଇ ଏକ୍ସପ୍ରେସ୍, ପୁରୀ- ରୁଷିକେଶ ସ୍ୱତନ୍ତ୍ର, ପୁରୀ- ହାଟିଆ ସ୍ୱତନ୍ତ୍ର, ରାଉରକେଲା- ଗୁଣୁପୁର, ହାଓ୍ୱଡା-ଟିଟିଲାଗଡ଼ ସୁପରଫାଷ୍ଟ, ହାଓ୍ୱଡା-ଜଗଦଲପୁର ଏକ୍ସପ୍ରେସ ରହଣି ସମ୍ପର୍କରେ ଆଲୋଚନା କରିଥିଲେ । ଝାରସୁଗୁଡ଼ା ଠାରୁ ପାରାଦୀପ ଭାୟା କୁଚିଣ୍ଡା, ଦେବଗଡ଼, ବାରକୋଟ ଦେଇ ପାରାଦୀପ ବା ଧାମରାକୁ ପ୍ରସ୍ତାବିତ ରେଳ ପ୍ରକଳ୍ପ ଦାବି ଜୋର ଧରିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଲଇଡ଼ା, କୁଚିଣ୍ଡା, ଜମନକିରା, ତିଲେଇବଣି, ଦେବଗଡ଼, ବାରକୋଟ ସମେତ ଢେଙ୍କାନାଳର ପାଲଲହଡ଼ା ଓ ବରଗଡ଼ର କୁଲବିରା ଅଞ୍ଚଳବାସୀ ଉପକୃତ ହେବେ । ତେଣୁ ତାଳଚେରରୁ ବିମଳାଗଡ଼ ଭାୟା ରିଆମାଳ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ୧୫୦ କୋଟି ଟଙ୍କା ସପ୍ଲିମେଣ୍ଟାରୀ ବଜେଟରେ ବ୍ୟବସ୍ଥା କରିବାକୁ ସାଂସଦ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ଠାରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ଭୋଇ ସମସ୍ତଙ୍କୁ ସ୍ୱାଗତ କରି ପ୍ରାରମ୍ଭିକ ସୂଚନା ଦେଇଥିଲେ । ସ୍ୱାଧୀନତା ଦିବସ ପାଳନ ଅବସରରେ ଭୋର ୪.୩୦ ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯିବ । ସକାଳ ଘ. ୭.୩୦ ପରେ ପରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ସକାଳ ୯ଟା ୧୫ରେ ରିଜର୍ଭ ପୋଲିସ ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । କୋଭିଡ୍ କଟକଣା ଯୋଗୁଁ ଛାତ୍ରଛାତ୍ରୀ ପରେଡରେ ଅଂଶ ଗ୍ରହଣ କରିପାରିବେ ନାହିଁ କିମ୍ବା ସାଧାରଣ ଜନତାଙ୍କୁ ଉତ୍ସବସ୍ଥଳକୁ ଯିବା ଉପରେ କଟକଣା ରହିଛି । କେବଳ ଆରକ୍ଷୀ ବାହିନୀ ପରେଡ୍ ପରିବେଷଣ କରିବେ । ଡିଇଓଙ୍କ ଦ୍ୱାରା ଅନଲାଇନରେ ଛାତ୍ରଛାତ୍ରୀଙ୍କ ମଧରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଉକ୍ତ ଦିନ ମୁଖ୍ୟ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଜିଲ୍ଲା ବନ ବିଭାଗ ତରଫରୁ କରାଯିବ । କୋଭିଡ କଟକଣା ଯୋଗୁଁ ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନରେ ସୀମିତ ସଂଖ୍ୟକ ବ୍ୟକ୍ତି, ଅନୁଷ୍ଠାନକୁ ଉତ୍ସବକୁ ନିମନ୍ତ୍ରଣ କରାଯିବ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ ମିଞ୍ଜ, ପିଡିଡି ଆର ଡିଏ ଶ୍ରୀ ଡୋଳାମଣି ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜଗଜୀବନ ପଟେଲ, ଏଡିଏମଓ ଡାକ୍ତର ପ୍ରଦୀପ କୁମାର ଗୁରୁ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଧନକଉଡ଼ାରେ ଡେଙ୍ଗୁ ସଚେତନତା ସଭା

ସମ୍ବଲପୁର : ଧନକଉଡା ୟୁପିଏଚସି ସଭାକକ୍ଷରେ ସଦର ଉପ ଜିଲ୍ଲାପାଳ ସୂର୍ଯ୍ୟବଂଶି ମୟୁରଙ୍କ ଅଧକ୍ଷତାରେ ଡେଙ୍ଗୁର ପ୍ରତିକାରାତ୍ମକ ବ୍ୟବାସ୍ଥା ସ୍ୱରୁପ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମହାନଗର ଆୟୁକ୍ତ ଅନିରୁଦ୍ଧ ପ୍ରଧାନ, ସିଏଚଓ ଡାକ୍ତର ମହେନ୍ଦ୍ର କୁମାର ନନ୍ଦ ଯୋଗଦେଇ ଜନ ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ମାଧମରେ ଡେଙ୍ଗୁ ପ୍ରତିକାର ବ୍ୟବସ୍ଥା ସଂପର୍କରେ ଆଲୋକପାତ କରିଥିଲେ । ଏଥିରେ ଡିପିଏଚଓ ଡାକ୍ତର ଅଶାକ କୁମାର ଦାଶ ପ୍ରାଜେକ୍ଟର ମାଧମରେ ତାଲିମ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ୟୁଏଚଏମ ସିପିଏମ୍ ଗୁରୁଦତ୍ତ ପୁରୋହିତ ପ୍ରାରମ୍ଭିକ ସୂଚନା ଦେଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ସଭାରେ ମହାନଗରର ସମସ୍ତ ୟୁପିଏଚସି ଓ ଅର୍ବାନ ଏମଏଚୟୁ ମେଡିକାଲ ଅଫିସରଙ୍କ ସମତେ ସଦର ସିଡିପିଓ ଜ୍ୟାସ୍ନା ତ୍ରିପାଠୀ, ଏଡିଇଓ ମୁରଲୀ ଧର ବେହେରା, ବିଭିନ୍ନ ସ୍ୱଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ ସମସ୍ତ ପିଏଚଓ ମାନେ ଅଂଶ ଗ୍ରହଣ କରିଥିଲେ ।

## ବେନିୟମ ବାଲି ଚାଲାଣ ଅଭିଯୋଗରେ ଜରିମାନା ଆଦାୟ

ସୁବର୍ଣ୍ଣପୁର: ସୋନପୁର- ମନମୁଣ୍ଡା ବ୍ରିଜ ତଳ ତେଲ ନଦୀ ରୁ ୪ଟି ଟ୍ରାକ୍ଟର ଓ ଗୋଟିଏ ହାଇଓ୍ୱାକୁ ବେନିୟମ ଭାବେ ବାଲି ଚାଲାଣ କରୁଥିବା ସମୟରେ ତହସିଲଦାର ଶ୍ରୀ ନବୀନ କିଶାର ପାଢ଼ୀ ଚଢ଼ାଉ କରି ୬୮,୦୦୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି । ଏହି ଚଢ଼ାଉ ସମୟରେ ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପାଣ୍ଡିଆ ତଥା ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କେବେ ସମ୍ପୂର୍ଣ୍ଣ ହେବ ରିଂ ରୋଡ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ଓ ଜନସାଧାରଣଙ୍କ ଗମନା ଗମନ ସୁବିଧା ପାଇଁ ନିବୃତ୍ତି ଯାର ଦକ୍ଷିଣ ପାର୍ଶ୍ୱରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ବନ୍ୟା ପ୍ରତିରୋଧକ ଆଡିବନ୍ଧ ଓ ରିଂ ରୋଡ଼ କାମ ଆରମ୍ଭ କରାଯାଇଛି । କିନ୍ତୁ ଆଡିବନ୍ଧ ନିର୍ମାଣ ନେଇ ନିବୃତ୍ତି ଯାର ପାଲ ନିକଟରେ ପ୍ରାୟ ୭୦ ମିଟର ଜମି ଅଧିଗ୍ରହଣ ହୋଇ ପାରି ନ ଥିବା ଯୋଗୁଁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନାହିଁ । ଫଳରେ ରିଂ ରୋଡ଼ ଅଧପନ୍ତରିଆ ହୋଇ ପଡ଼ି ରହିଛି । ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଜମି ଅଧିଗ୍ରହଣକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ହେଉଥିଲେ ମଧ କୌଣସି ନିର୍ଯ୍ୟାସରେ ପହଂଚି ପାରୁ ନାହିଁ । ଯଦ୍ୱାରା ରିଂ ରୋଡ଼ କାମ ଶୀଘ୍ର ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି । ଏଥି ସହ ତରଭା ଜନସାଧାରଣ ବନ୍ୟା ଆଶଙ୍କାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ପ୍ରକାଶ ଥାଉକି, ତରଭା ସହରକୁ ଗମନାଗମନର ସୁବିଧା ତଥା ବନ୍ୟା ଦାଉରୁ ରକ୍ଷା କରିବା ଉଦ୍ଦେଶ୍ୟରେ ବନ୍ୟା ପ୍ରତିରୋଧକ ଆଡି ବନ୍ଧ ଓ ରିଂ ରୋଡ଼ ପାଇଁ ଗତ ୨୦୧୮ ରେ ଭୂମି ପୂଜନ ହୋଇଥିଲା । ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ମାଧମରେ ତରଭା ନିବୃତ୍ତି ଯାର ଦକ୍ଷିଣ ପାର୍ଶ୍ୱରେ ୧୧୧୮ ମିଟର ଦୈର୍ଘ୍ୟ ବିଶିଷ୍ଟ ବନ୍ୟା ପ୍ରତିରୋଧକ ଆଡିବନ୍ଧ ଓ ରିଂ ରୋଡ଼ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ତରଭା ବ୍ରିଜ ନିକଟରେ ବ୍ଲକ ପଛପଟ ପର୍ଯ୍ୟନ୍ତ ପ୍ରାୟ ମାଟି କାମ ଶେଷ ପର୍ଯ୍ୟାୟରେ ପହଂଚି ଥିଲା । କିନ୍ତୁ ଗତ ୨୦୧୯ ଅଗଷ୍ଟ ୧୩ ତାରିଖରେ ନିବୃତ୍ତି ଯାରରେ ଆସିଥିବା ବନ୍ୟାରେ ସହରର ପ୍ରଭୂତ କ୍ଷୟକ୍ଷତି ହେବା ସହ ଆଡିବନ୍ଧର ମାଟି ଧୋଇ ହୋଇ ଯାଇଥିଲା । ଏହା ସତ୍ତ୍ୱେ ଆଡିବନ୍ଧର ମାଟି କାମ ସମ୍ପୂର୍ଣ୍ଣ ହେବା ଉପରେ ଥିଲେ ମଧ ଆଜି ପର୍ଯ୍ୟନ୍ତ ନିବୃତ୍ତି ପାଲ ପାଖରେ ଥିବା ଜମି ଅଧିଗ୍ରହଣ ହୋଇ ପାରି ନାହିଁ । ଏଣୁ ରିଂ ରୋଡ଼ କାମ ଧିମେଇ ଚାଲିଛି । ତୁରନ୍ତ ଆବଶ୍ୟକ ଥିବା ସ୍ଥାନରୁ ଜମି ଅଧିଗ୍ରହଣ କରି ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି ।

# ଭାଗବତ

## ଉଦ୍ଧବାଗମନ ପ୍ରସଙ୍ଗ

ଉଦ୍ଧବ ଥିଲେ ଜ୍ଞାନୀ । ହେଲେ ତାଙ୍କ ଜ୍ଞାନକୁ ଭକ୍ତି ସହାୟତା କରୁ ନ ଥିଲା । ଭକ୍ତି ରହିତ ଜ୍ଞାନ ଅଭିମାନୀ ହୋଇଥାଏ । ମଣିଷକୁ ଅଭିମାନୀ କରିଦିଏ । ଭକ୍ତି ଜ୍ଞାନୀକୁ ନମ୍ର କରେ । ଭକ୍ତି ଯଦି ଜ୍ଞାନକୁ ସହାୟତା ନ କରେ ତେବେ ଜ୍ଞାନ ଅଭିମାନକୁ ଧାରଣ କରି ମଣିଷକୁ ଉଦ୍ଧତ କରିଦିଏ । ବ୍ରହ୍ମଜ୍ଞାନ ପ୍ରାପ୍ତହୋଇ ସୁଦ୍ଧା ଯଦି ସ୍ୱରୂପ ପ୍ରୀତି ନ ହୁଏ ତେବେ ବ୍ରହ୍ମାନୁଭବ ହୁଏ ନାହିଁ । ଯେ ପରମାତ୍ମାଙ୍କୁ ପ୍ରେମ କରେ ସେ ହିଁ ପ୍ରକୃତ ଜ୍ଞାନୀ । ଜ୍ଞାନୀ ହୋଇଯିବା ପରେ ଧନ, ପ୍ରତିଷ୍ଠା, ଆଶ୍ରମ ଆଦି ଯଦି ମନ ମଧ୍ୟରେ ପ୍ରବେଶ କରେ ତେବେ ପତନ ହୋଇଥାଏ । ଜ୍ଞାନୀର ଭକ୍ତି ନିହାତି ଆବଶ୍ୟକ ।

ଜୀବ ବା ମଣିଷ ଯେତେବେଳେ ଈଶ୍ୱରଙ୍କୁ ପ୍ରଗାଢ଼ ପ୍ରେମକରେ ସେତେବେଳେ ସେ ଭଗବାନଙ୍କର ମୂଳ ସ୍ୱରୂପ ଦର୍ଶନ କରିବାର ସୁଯୋଗ ପାଏ । ମଣିଷ ତାର ସମସ୍ତ ଧନ ସମ୍ପତ୍ତି ତା ନିଜର ବୋଲି ମନେକରେ । ଭଗବାନଙ୍କ ପ୍ରକୃତି ମଧ୍ୟ ଠିକ୍ ସେହିଭଳି । ସେ ତାଙ୍କର ପ୍ରକୃତ ଭକ୍ତକୁ ହିଁ ନିଜ ସ୍ୱରୂପ ଦର୍ଶନ କରାନ୍ତି । ଯଦି ସାଧାରଣ ବ୍ୟକ୍ତି ନିଜର ପ୍ରେମୀ ବ୍ୟତୀତ ଅନ୍ୟକାହାକୁ ନିଜର ଅନ୍ତର ଭିତର କଥା ଦେଖାଏ ନାହିଁ, ସେତେବେଳେ ଭଗବାନ ନିଜର ଆପଣାର ଭକ୍ତ ବ୍ୟତୀତ ଅନ୍ୟ କାହାକୁ କାହିଁକି ସ୍ୱରୂପ ଦର୍ଶନ କରାଇବେ ?

ଭକ୍ତି ବିନା ଜ୍ଞାନ ଓ ଜ୍ଞାନ ବିନା ଭକ୍ତି ଅପୂର୍ଣ୍ଣ ରହିଥାଏ । ଭକ୍ତିକୁ ଯଦି ଜ୍ଞାନର ସାଥୀ ନ ମିଳେ ତେବେ ଈଶ୍ୱରଙ୍କ ସର୍ବବ୍ୟାପକତା କଦାପି ଅନୁଭବ ହୋଇପାରିବ ନାହିଁ । କେବଳ ଗୋଟିଏ ବସ୍ତୁରେ ଈଶ୍ୱରଙ୍କ ଅସ୍ତିତ୍ୱ ଅଛି ବୋଲି କହୁଥିବା ବୈଷ୍ଣବ ହେଉଛି ଅଧମ । ସବୁଠାରେ, ସମସ୍ତ ଦ୍ରବ୍ୟରେ ଈଶ୍ୱରଙ୍କ ଅସ୍ତିତ୍ୱ ଅଛି ବୋଲି କହୁଥିବା ବୈଷ୍ଣବ ହେଉଛି ମହାନ୍ ବୈଷ୍ଣବ ।

ବୈରାଗ୍ୟର ସହଯୋଗ ମିଳିଲେ ଭକ୍ତି ଘରର କୌଣସି ଏକ ସ୍ଥାନରେ ଠାକୁରଙ୍କୁ ଦର୍ଶନ କରିପାରେ । ମାତ୍ର ଭକ୍ତିକୁ ଜ୍ଞାନର ସହାୟତା ମିଳିଲେ ଘରର ପ୍ରତ୍ୟେକ ଅଣୁରେ ଈଶ୍ୱରଙ୍କ ଦର୍ଶନ ମିଳିପାରେ ।

ଉଦ୍ଧବଙ୍କର ତତ୍ତ୍ୱଜ୍ଞାନ ଆଉ



ଗୋପୀଙ୍କର ପ୍ରେମଲକ୍ଷଣା ଭକ୍ତି ଦୁହେଁ ସ୍ୱତଃ ମହତ୍ତ୍ୱପୂର୍ଣ୍ଣ- ହେଲେ ଉଭୟଙ୍କର ସମନ୍ୱୟ ନିହାତି ଆବଶ୍ୟକ । ଉଦ୍ଧବଙ୍କର ନିଷ୍ଠା ଥିଲା ଜ୍ଞାନରେ, ଗୋପୀଙ୍କର ନିଷ୍ଠା ଥିଲା ପ୍ରେମରେ । ଜ୍ଞାନ, ପ୍ରେମ ବିନା ଶୁଷ୍କ ଆଉ ନିରର୍ଥକ ହୋଇଥାଏ । ପରମାତ୍ମାଙ୍କ ବିଷୟରେ ପର୍ଯ୍ୟାପ୍ତ ଜ୍ଞାନ ହୋଇ ସୁଦ୍ଧା ଯଦି ତାଙ୍କ ସହିତ ପ୍ରେମ ନ ହୋଇ ପାରିଲା ତେବେ ତାଙ୍କୁ, ଅର୍ଥାତ୍ ପରମାତ୍ମାଙ୍କୁ, ଅନୁଭବ କରିହେବ ନାହିଁ । ଜ୍ଞାନ ପ୍ରାପ୍ତିହେବା ପରେ ପ୍ରେମ ପ୍ରାପ୍ତିହେବା ନିହାତି ଆବଶ୍ୟକ ।

ଗୋପୀମାନେ ପ୍ରେମର ଧ୍ୱଜା, ଉଦ୍ଧବ ହେଉଛନ୍ତି ଜ୍ଞାନର ମୂର୍ତ୍ତି ।

ଜ୍ଞାନ, ଭକ୍ତି ଆଉ ବୈରାଗ୍ୟ ଏହି ତିନି ସମନ୍ୱୟରେ ପରମାତ୍ମାଙ୍କର ସାକ୍ଷାତକାର ହୋଇପାରେ ।

ଉଦ୍ଧବ ଥିଲେ ଜ୍ଞାନୀ, ହେଲେ ତାଙ୍କ ହୃଦୟ ପ୍ରେମଶୂନ୍ୟ ଥିଲା, ଶୁଷ୍କ ଥିଲା । ତେଣୁ ସେ ଅଲୌକିକ ଆନନ୍ଦ ପାଇପାରୁ ନ ଥିଲେ ।

ଜ୍ଞାନ ଚର୍ଚ୍ଚାର ବିଷୟ ନୁହେଁ, ଅନୁଭବର ବିଷୟ । ଜ୍ଞାନୀ ବେଳେ ବେଳେ ଅଭିମାନୀ ହୋଇଯାଏ । ଭକ୍ତି ସବୁବେଳେ ନମ୍ର ରହେ । ନମ୍ରତା ହିଁ ଭକ୍ତିର ଆସନ । ଭକ୍ତି ନିଜକୁ ଜଗତର ସେବକ ମନେକରେ । ମୁଁ ସେବକ ସଚରାଚର ରୂପ ସ୍ୱାମୀ ଭଗବନ୍ତ । ଏହି ଜଗତ ହେଉଛି ବାସୁଦେବମୟ, ଭଗବାନଙ୍କର ହିଁ ଏକ ସ୍ୱରୂପ । ବାସୁଦେବଃ ସର୍ବମିତି । ଗୋପୀଙ୍କର ଭକ୍ତି ଜ୍ଞାନୋତ୍ତର । ଜ୍ଞାନୋତ୍ତର ଭକ୍ତି ବୋଲି କିଛି କିଛି ଏ କଥା ଉଦ୍ଧବଙ୍କୁ ଜଣାଇ ନ ଥିଲା । ଉଦ୍ଧବଙ୍କ ପାଇଁ ଜ୍ଞାନ ହିଁ ଥିଲା ସବୁକିଛି । ତେଣୁ ପ୍ରେମଲକ୍ଷଣା ଭକ୍ତି ପଢ଼ାଇବା ପାଇଁ ତାଙ୍କୁ ଭଗବାନ ବ୍ରଜକୁ ପଠାଇଥିଲେ ।

ଶ୍ରୀକୃଷ୍ଣ ଭାବିଥିଲେ- 'ଗୋପୀଙ୍କର ଯଦି ଜ୍ଞାନ ଅନୁଭବ ହୋଇଯାଏ ତେବେ ତାଙ୍କୁ ଦୁଃଖ ଆଦି ହିନସ୍ତା କରିବ ନାହିଁ । ଆଉ ଉଦ୍ଧବଙ୍କର ଯଦି ଭକ୍ତି ଅନୁଭବ ହୋଇଯାଏ ତେବେ ତାଙ୍କର ଜ୍ଞାନ ସଫଳ ହୋଇଯିବ । ଉଦ୍ଧବଙ୍କର ଜ୍ଞାନରେ ଅଭିମାନ ଅଂଶ ଥିଲା । ଗୋପୀଙ୍କର ପ୍ରେମଲକ୍ଷଣା ଭକ୍ତିରେ ଜ୍ଞାନର ସମ୍ମିଶ୍ରଣ ହୋଇଯିବ ଏବଂ ଉଦ୍ଧବଙ୍କର ମଧ୍ୟ ଅଶେଷ କଲ୍ୟାଣ ହେବ, ତାଙ୍କର ଜ୍ଞାନାଭିମାନ ନଷ୍ଟ ହୋଇଯିବ । ଏହା ଥିଲା ଶ୍ରୀକୃଷ୍ଣଙ୍କର ଉଦ୍ଧବଙ୍କୁ ବ୍ରଜକୁ ପ୍ରେରଣ କରିବାର ଅନ୍ତର୍ନିହିତ ଉଦ୍ଦେଶ୍ୟ ।

# ଆଧ୍ୟାତ୍ମିକ ଶକ୍ତିର ଚମତ୍କାର

ବିଭିନ୍ନ ଧର୍ମଗ୍ରନ୍ଥରେ ସାଧକମାନଙ୍କୁ ଧାର୍ମିକ - ଆଧାତ୍ମିକ ସାଧନାରୁ ପ୍ରାପ୍ତ ହୋଇଥିବା ଆଧାତ୍ମିକ ଶକ୍ତିର ବର୍ଣ୍ଣନା ମିଳେ । ଯୋଗ ସୂତ୍ରରେ ଯୋଗ ସାଧନାଗୁଡିକରୁ ପ୍ରାପ୍ତ ହେଉଥିବା ନାନା ପ୍ରକାର ସିଦ୍ଧି, ବିଭୂତିର ବର୍ଣ୍ଣନା ରହିଛି । ସନ୍ଥ ତୁଳସୀ ଦାସ ହନୁମାନ ଚାଳିଶାରେ 'ଅଷ୍ଟ ସିଦ୍ଧି ନବନିଧି କେ ଦାତା, ଅସ ବିର ଦୀନ୍‌ହ ଜାନକୀ ମାତା' କହିଛନ୍ତି, ଯାହାର ଅର୍ଥ ହେଉଛି ମାତା ଜାନକୀ ମହାବୀର ହନୁମାନଙ୍କୁ ବରଦାନ ସ୍ୱରୂପ ଅଷ୍ଟସିଦ୍ଧି ନବନିଧିର ଦାତା ହେବାର ଶକ୍ତି ପ୍ରଦାନ କରିଛନ୍ତି ।

ଅଧ୍ୟାତ୍ମ ଏକ ବୈଜ୍ଞାନିକ ପ୍ରକ୍ରିୟା, ଏକ ପ୍ରଯୋଗ, ଯାହାକୁ ଆପଣାଇବା ଦ୍ୱାରା ସାଧକକୁ ଅନନ୍ତ ଆଧାତ୍ମିକ ଶକ୍ତି ପ୍ରାପ୍ତ ହୋଇଥାଏ । ଭାରତବର୍ଷର ମହାନ୍ ସନ୍ଥ, ସାଧକ, ଯୋଗୀ ଓ ଋଷିମାନେ ନିଜର ଆଧାତ୍ମିକ, ଯୌଗିକ ସାଧନାଗୁଡିକ ଦ୍ୱାରା ଅନନ୍ତ ଶକ୍ତି, ସିଦ୍ଧି, ବିଭୂତି ପ୍ରାପ୍ତ ହୋଇଥିଲେ । ସେମାନେ ସେହି ଆଧାତ୍ମିକ ଶକ୍ତିଗୁଡିକ ଦ୍ୱାରା ଲୋକମାନଙ୍କ ଆଧାତ୍ମିକ ମାର୍ଗଦର୍ଶନ ଓ ପୀଡ଼ା ନିବାରଣ କରୁଥିଲେ ।

ଭାରତର ମହାନ୍ ସାଧୁ, ଋଷି ଓ ଯୋଗୀମାନଙ୍କ ଅନେକ ଚମତ୍କାରର କାହାଣୀ ଆଜି ମଧ୍ୟ ଶୁଣିବା ଓ ପଢ଼ିବାକୁ ମିଳେ । ସେମାନଙ୍କ ଦ୍ୱାରା କୌଣସି ମୃତ ଦେହକୁ ଛୁଇଁ ତା' ମଧ୍ୟରେ ପ୍ରାଣର ସଞ୍ଚାର କରିଦେବା ଭଳି ଅଦ୍ଭୁତ ଘଟଣା ସବୁ ଶୁଣିବାକୁ ଓ ପଢ଼ିବାକୁ ମିଳେ । ଏହା ଆଶ୍ଚର୍ଯ୍ୟଜନକ ଓ ସତ୍ୟ ମଧ୍ୟ । ବାସ୍ତବରେ ନିରନ୍ତର ଯୋଗ ସାଧନା ଦ୍ୱାରା ଯେତେବେଳେ ତନୁ ମନର ଶୁଦ୍ଧି ହୋଇଥାଏ, ହୃଦୟରେ ପବିତ୍ରତା ଆସିଥାଏ, ସେତେବେଳେ ସାଧକଙ୍କ ମଧ୍ୟରେ ଏଭଳି ଚୁମ୍ବକୀୟ ଶକ୍ତି ଉତ୍ପନ୍ନ ହୋଇଯାଏ, ଯେଉଁ କାରଣରୁ ସେମାନେ କାହାରିକୁ କେବଳ ଆଶୀର୍ବାଦ ଦେଇ ବା ଛୁଇଁଦେଇ ରୋଗମୁକ୍ତ କରି ପାରନ୍ତି ।

ଏହି କାରଣରୁ ସାଧୁ ସନ୍ଥ, ଋଷି - ଯୋଗୀ ଆଦି କାହାର ବିଚାର ଓ ଭାବନାକୁ ବଦଳାଇ ଦେଉଥିଲେ । ବାସ୍ତବରେ ସେମାନେ ଉଚ୍ଚ ଚୁମ୍ବକୀୟ ଶକ୍ତି ଦ୍ୱାରା ସହଜରେ ଅନ୍ୟମାନଙ୍କ ପୀଡ଼ା, ଅଭାବ ଓ ଦୁଃଖ ଗୁଡିକୁ ଦୂର କରି ଦେଉଥିଲେ ।

ସନାତନ ସଂସ୍କୃତିରେ ସାଧୁ-ସନ୍ଥ, ଋଷି, ଯୋଗୀ ଓ ଗୁରୁଜନଙ୍କ ଚରଣସ୍ପର୍ଶ କରିବାର ପରମ୍ପରା ରହିଛି । ସେମାନେ ଚରଣସ୍ପର୍ଶକାରୀଙ୍କ ମୁଣ୍ଡ ଉପରେ ହାତ ରଖି ସେମାନଙ୍କୁ ଆଶୀର୍ବାଦ ଦେଇଥାନ୍ତି । ଏଭଳି ଦିବ୍ୟ ଓ ମହାନ୍ ଲୋକମାନଙ୍କ ଚରଣସ୍ପର୍ଶ କରିବା ପଛରେ ଏକ ବୈଜ୍ଞାନିକ କାରଣ ଅଛି । ସେମାନଙ୍କ ଚରଣସ୍ପର୍ଶ କରିବା ଦ୍ୱାରା ଏବଂ ସେମାନେ ମୁଣ୍ଡ ଉପରେ ହାତ ବୁଲାଇବା ଦ୍ୱାରା ସେମାନଙ୍କ ଠାରେ ବିଦ୍ୟମାନ ଆଧାତ୍ମିକ ଚୁମ୍ବକୀୟ ଶକ୍ତି ଚରଣସ୍ପର୍ଶକାରୀର ଶରୀରରେ ପ୍ରବିଷ୍ଟ ହୋଇଯାଏ । ଆଧାତ୍ମିକ ଚୁମ୍ବକୀୟ ଶକ୍ତିର ଏହି ସଂଚାର ଫଳରେ ସେମାନଙ୍କୁ ନିଜ ଜୀବନରେ କେବଳ ସୁଖ ଓ ଶାନ୍ତି ପ୍ରାପ୍ତ ହୁଏ ନାହିଁ, ବରଂ ସେମାନଙ୍କ ବିଚାରକୁ ପବିତ୍ରତା ତଥା ଆତ୍ମାକୁ ତୃପ୍ତି ମିଳିଥାଏ ।

ବିଶ୍ୱର ଅନେକ ଧର୍ମଗ୍ରନ୍ଥ ଆଧାତ୍ମିକ ପୁରୁଷମାନଙ୍କ ଚୁମ୍ବକୀୟ ଶକ୍ତିର ଚମତ୍କାରପୂର୍ଣ୍ଣ ଉଦାହରଣ ଗୁଡିକରେ ଭରି ରହିଛି । ସ୍ୱାମୀ ରାମକୃଷ୍ଣ ପରମହଂସଙ୍କ ମଧ୍ୟରେ ଅପାର ଆଧାତ୍ମିକ ଚୁମ୍ବକୀୟ ଶକ୍ତି ଥିଲା । ଥରେ ଯେତେବେଳେ ସେ ନିଜ ପାଦରେ ନରେନ୍ଦ୍ରଙ୍କୁ ସ୍ପର୍ଶ କରିଦେଲେ ତ ତାଙ୍କର ସ୍ପର୍ଶ ପାଇବା ମାତ୍ରେ ନରେନ୍ଦ୍ର ଏହା କହି ଚିତ୍କାର କରି ଉଠିଲେ ନା ! ନା ! ମୁଁ ଏହି ଶକ୍ତିକୁ ସହ୍ୟ କରି ପାରିବି ନାହିଁ । ମୋତେ ସାରା ସଂସାର ଘୁରିବା ପରି ଦେଖାଯାଉଛି । ବାସ୍ତବରେ ସ୍ୱାମୀ ରାମକୃଷ୍ଣ ପରମହଂସଙ୍କ ଆଧାତ୍ମିକ ଶକ୍ତି



ତାଙ୍କ ସ୍ପର୍ଶ ସହିତ ହିଁ ଯୁବକ ନରେନ୍ଦ୍ରଙ୍କ ସମ୍ପୂର୍ଣ୍ଣ ଶରୀରରେ ବିଦ୍ୟୁତ ଧାରା ପରି ପ୍ରବାହିତ ହୋଇଥିଲା ।

ଏହିପରି ଭାରତର ମହାନତମ ଯୋଗୀ ମହର୍ଷି ରମଣ ମଧ୍ୟ ଆଧାତ୍ମିକ ଉର୍ଜାର ଶକ୍ତିପୁଞ୍ଜ ଥିଲେ । ତାଙ୍କ ଆଶ୍ରମରେ ପଶୁ ଓ ପକ୍ଷୀ ମଧ୍ୟ ନିର୍ଭୟରେ ରହୁଥିଲେ । ରମଣ ମହର୍ଷି ଏହି ପକ୍ଷୀ ଓ ପଶୁମାନଙ୍କୁ ମନୁଷ୍ୟଙ୍କ ପରି ସମ୍ବୋଧନ କରୁଥିଲେ । ମହର୍ଷି ଓ ଏହି ପଶୁପକ୍ଷୀ ପରସ୍ପର ସହିତ ବହୁତ ମିଶି ଯାଉଥିଲେ । ୟୁରୋପର ଜଣେ ଲେଖକ ପଲ ବ୍ରଣ୍ଟନ ମହର୍ଷିଙ୍କ ଖ୍ୟାତି ବିଷୟରେ ଶୁଣିବାରୁ ଉତ୍ସୁକତାବଶତଃ ମହର୍ଷିଙ୍କୁ ଭେଟିବା ପାଇଁ ତାଙ୍କର ଆଶ୍ରମରେ ପହଞ୍ଚିଲେ । ସେଠାରେ ତାଙ୍କ ସହିତ ଯାହା ଘଟିଲା, ତାହା ତାଙ୍କର ଆଖି ଖୋଲିଦେଲା । ସେ ରାତିରେ ଏକ ମଞ୍ଚା ଉପରେ ଶୋଇବାର ପ୍ରସ୍ତୁତି କରୁଥିଲେ, ସେତେବେଳେ ସେ ଦେଖିଲେ ଯେ ମଞ୍ଚା ଉପରେ ଗୋଟିଏ ବିଷଧର ସାପ ଚଢୁଛି । ସେ ଭାବିଲେ ଯେ ତାଙ୍କର ମୃତ୍ୟୁ ସୁନିଶ୍ଚିତ । ସେତିକିବେଳେ ରମଣ ମହର୍ଷିଙ୍କର ଜଣେ ସେବକ ସେଠାକୁ ଆସିଲା ଓ ସାପ ସହିତ ମନୁଷ୍ୟ ପରି କଥାବାର୍ତ୍ତା କରି କହିଲା, ରହ ବାପା । ଏହା ଶୁଣିବା ମାତ୍ରେ ସାପ ଏକ ଆଜ୍ଞାକାରୀ ବାଳକ ପରି ଯେଉଁଠି ସେଇଠି ଅଟକି ଗଲା ଓ ତାପରେ ପାହାଡ଼ ଆଡ଼କୁ ଯାଇ ଅଦୃଶ୍ୟ ହୋଇଗଲା । ପଲ ବ୍ରଣ୍ଟନଙ୍କ ପାଇଁ ଏହି ଘଟଣା ଚକିତ କରିଦେବା ପରି ଥିଲା । ସେ ଆଶ୍ରମର ସେବକକୁ ପଚାରିଲେ ତୁମେ ଏହି ଚମତ୍କାର କିପରି କଲ ? ସେବକ ଉତ୍ତର ଦେଲା ଏହି ଚମତ୍କାର ମୁଁ ନୁହେଁ, ମହର୍ଷି ରମଣ କଲେ । ତାଙ୍କ ଅନୁସାରେ ଜୀବଜନ୍ତୁଙ୍କୁ ଯଦି ଆମେ ପ୍ରେମପୂର୍ବକ କହିବା ତ ସେମାନେ ଅବଶ୍ୟ ଶୁଣିବେ । ବାସ୍ତବରେ ଜୀବଜନ୍ତୁଙ୍କ ମଧ୍ୟରେ ଆଧାତ୍ମିକ ଉର୍ଜାର ସଞ୍ଚାର କରି ମହର୍ଷି ରମଣ ସେମାନଙ୍କୁ ବଶୀଭୂତ କରି ନେଉଥିଲେ ।

ଭାରତର ମହାନତମ ଯୋଗୀମାନଙ୍କ ମଧ୍ୟରେ ମହର୍ଷି ଅରବିନ୍ଦ ନିଜର ଦିବ୍ୟ ଆଧାତ୍ମିକ ଉର୍ଜାଃ ଦ୍ୱାରା ନିଜ ଶିଷ୍ୟମାନଙ୍କୁ କୃତାର୍ଥ କରି ଦେଉଥିଲେ । ଥରେ ତାଙ୍କ ଆଶ୍ରମରେ କିଛି ଶିଷ୍ୟ ତାଙ୍କ ପାଖରେ ବସି ଧ୍ୟାନ କରୁଥିଲେ । ସେଠାରେ ସ୍ତବ୍ଧ ନିରବତା ଛାଇ ରହିଥିଲା । ଧ୍ୟାନସ୍ଥ ଶିଷ୍ୟମାନଙ୍କ ମଧ୍ୟରୁ କେତେ ଜଣ ଅବତରିତ ହେଉଥିବା ପ୍ରକାଶର ସାଗରକୁ ଦେଖିଲେ । ସେଠାରେ ଉପସ୍ଥିତ ଶିଷ୍ୟମାନେ ନିଜ ମୁଣ୍ଡ ଉପରେ ଏକ ପ୍ରକାର ଚାପ ଅନୁଭବ କଲେ । ସାରା ବାତାବରଣ ସତେ ଯେମିତି ବିଦ୍ୟୁତର ଉର୍ଜାଃରେ ଭରି ଯାଇଥିଲା । ଚାରିଆଡ଼େ ନିରବତା ଥିଲା । ଦିବ୍ୟତାର ସାଗର ଉଦବେଳିତ ହେଉଥିଲା । ପ୍ରାୟ ପଇଁତିରିଶ ମିନିଟର ଧ୍ୟାନ ହେଲା, ତାପରେ ଜଣଙ୍କ ପରେ ଜଣେ ଶିଷ୍ୟ ମହର୍ଷି ଅରବିନ୍ଦ ଓ ଶ୍ରୀମାଙ୍କୁ ପ୍ରଣାମ କଲେ ।

ଏହିପରି ସୁରଦାସ, ତୁଳସୀଦାସ, ରଇଦାସ, ନାନକ, କବୀର, ମୀରା ଆଦି ସନ୍ଥମାନଙ୍କ ଜୀବନ ମଧ୍ୟ ଆଧାତ୍ମିକ ଉର୍ଜାଃ ସହିତ ଜଡ଼ିତ ଚମତ୍କାର ଗୁଡିକରେ ଭରି ରହିଛି । ଭାରତର ପ୍ରାଚୀନତମ ଋଷି ମୁନିଙ୍କ ଠାରୁ ଆରମ୍ଭ କରି ଆଧୁନିକ ଯୁଗର ମହାନତମ ଯୋଗୀମାନେ ଅଗ୍ନିଦୀକ୍ଷା, ବ୍ରହ୍ମଦୀକ୍ଷା, ମନ୍ତ୍ରଦୀକ୍ଷା ଆଦି ବିଭିନ୍ନ ପ୍ରକାର ଦୀକ୍ଷା ଦେଇ ନିଜ ଶିଷ୍ୟମାନଙ୍କ ମଧ୍ୟରେ, ସାଧକମାନଙ୍କ ମଧ୍ୟରେ ଶକ୍ତିର ସଞ୍ଚାର କରୁଥିଲେ । ଏହାକୁ ଆମେ ଶକ୍ତିପାତ କରିବା ବି କହି ପାରିବା । ବାସ୍ତବରେ ମନୁଷ୍ୟ ମଧ୍ୟରେ ଅସୀମିତ ଶକ୍ତି ଲୁଚି ରହିଛି । ଆମର ପିଣ୍ଡ ରୂପୀ କାୟାରେ ପୁରା ବ୍ରହ୍ମାଣ୍ଡ ସମାହିତ ହୋଇଛି । ଯଦି ଆମେ ବିବିଧ ଯୋଗ ସାଧନା ଓ ଗୁରୁକୃପା ବଳରେ ନିଜର ବାସନା ଏବଂ ଇଚ୍ଛାଗୁଡିକୁ ରୂପାନ୍ତରଣ କରିନେବା ତ ଆମେ କେବଳ ନିଜର ଆତ୍ମାରେ ହିଁ ପରମାତ୍ମାଙ୍କ ଦର୍ଶନ କରି କୃତାର୍ଥ ହୋଇ ପାରିବା ନାହିଁ, ବରଂ ନିଜ ମଧ୍ୟରେ ଆଧାତ୍ମିକ ଶକ୍ତିର ଦିବ୍ୟ ଅନୁଭୂତି ମଧ୍ୟ କରି ପାରିବା ।

# ଶ୍ରାବଣରେ ଶିବଙ୍କ ଜଳାଭିଷେକ

**ସ**ମୁଦ୍ର ମନ୍ଥନ ଅବସରରେ ବାହାରୁ ଥିବା ଅମୃତ ପିଇବା ଫଳରେ ସମସ୍ତେ ଲାଳାୟିତ ଥିଲେ ଯେତେବେଳେ ବିଷ ବାହାରିଥିଲା ଭଗବାନ ଶିବ ଏହାକୁ ପାନ କରିଥିଲେ । ଶିବ ଯେତେବେଳେ ବିଷ ଗ୍ରହଣ କଲେ, ସେତେବେଳେ ଶ୍ରାବଣ ମାସ ହୋଇଥିଲା । ବିଷ ପିଇବା ପରେ ସମସ୍ତ ଦେବଦେବୀ ତାଙ୍କୁ ଶୀତଳ ପ୍ରଦାନ କରିବା ନେଇ ଚେଷ୍ଟା କରିଥିଲେ । କିନ୍ତୁ ଦେବଦେବ ମହାଦେବଙ୍କ ଶୀତଳ ମିଳି ନ ଥିଲା । ସେତେବେଳେ ମହାଦେବ ଚନ୍ଦ୍ରମାଙ୍କୁ ନିଜ ଶିର ଉପରେ ଧାରଣ କରିଥିଲେ ଓ ଶୀତଳ ଅନୁଭବ କରିଥିଲେ । ଏହି ଅବସରରେ ମେଘରାଜା ଇନ୍ଦ୍ର ଦେବ ମଧ ଖୁବ୍ ବର୍ଷା କରିଥିଲେ ଓ ଶିବ ଶଙ୍କରଙ୍କୁ ଖୁବ୍ ଶାନ୍ତି ମିଳିଥିଲା । ସେତେବେଳେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଶ୍ରାବଣ ମାସ ପାଳନ କରାଯାଇଥିଲା । ସେଥିପାଇଁ ଶ୍ରାବଣର ପ୍ରତି ସୋମବାର ଶିବଙ୍କୁ ଜଳ ଅର୍ପଣ କରି ତାଙ୍କୁ ପ୍ରସନ୍ନ କରାଯାଇଥାଏ । ଏହାପରେ ବେଲ ପତ୍ର, ଶମିପତ୍ର, କୁଶ ଓ ଦୂବ ଆଦିରେ ଶିବଙ୍କୁ ଅର୍ପଣ କରି ପ୍ରସନ୍ନ କରାଯିବା ସହିତ ଭାଙ୍ଗ ଓ ଦୁଦୁରା ଫୁଲ ଚଢ଼ା ଯାଇଥାଏ ।

ଏକଦା ସନତ କୁମାର ଦେବଦେବ ମହାଦେବ ଶ୍ରାବଣ ମାସ ପ୍ରିୟ ହେବାର କାରଣ ପଚାରିଥିଲେ । ଭୋଳାନାଥ କହିଛନ୍ତି କି ଯେଉଁ ସମୟର ଦେବୀ ସତୀ ନିଜର ପତି ଦକ୍ଷଙ୍କ ଯଜ୍ଞକୁଣ୍ଡରେ ନିଜର ଶରୀରକୁ ତ୍ୟାଗ କରିଥିଲେ । ଶରୀର ତ୍ୟାଗ କରିବା ପୂର୍ବରୁ ଦେବୀ ମହାଦେବଙ୍କୁ ପ୍ରତି ଜନ୍ମରେ ପତି ରୂପରେ ପାଇବା ପାଇଁ ପଣ କରିଥିଲେ । ରାଜା ହିମାଳୟ ଓ ରାଣୀ ମୈନାଙ୍କ କୋଳମଣ୍ଡନ କରିଥିଲେ ଦେବୀ ସତୀ ପୁନଃ ପାର୍ବତୀ ରୂପରେ ଜନ୍ମ ଗ୍ରହଣ କରି ଦେବୀ ପାର୍ବତୀ ଏହି ଜନ୍ମରେ ନିଜର ଯୁବାବସ୍ଥାରେ ଶ୍ରାବଣ ମାସରେ ନିର୍ଜଳା ଉପବାସ କରି କଠୋର ବ୍ରତ କରିଥିଲେ । ଦେବୀ ପାର୍ବତୀ ଭୋଳାନାଥଙ୍କୁ ପ୍ରସନ୍ନ କରିବା ପାଇଁ ବ୍ରତ କରିଥିଲେ । ଭୋଳାନାଥ ପାର୍ବତୀଙ୍କ ଭକ୍ତି ଓ ଏକାଗ୍ରତାରେ ପ୍ରସନ୍ନ ହୋଇଥିଲେ ଓ ଶ୍ରାବଣ ସୋମବାର ବ୍ରତ ରଖି ବୋଲି କହିଥିଲେ ।

କେବେ ଶ୍ରାବଣ ମାସରେ ୪ଟି ତ ପୁଣି କେତେବେଳେ ୫ଟି ସୋମବାର ପଡିଥାଏ । ମାନ୍ୟତା ରହିଛି କି ଯଦି କୌଣସି କୁମାରୀ ଯୁବତୀ ଯଦି ତାଙ୍କ ମନରେ କୌଣସି ଯୁବକଙ୍କୁ ନିଜର ପତି ରୂପରେ ଗ୍ରହଣ କରିବାକୁ ମନସ୍ଥ କରିଥାନ୍ତି ତେବେ ଏଥିରେ ବାଧା ଉପୁଜୁଥାଏ, ତେବେ କୁମାରୀ ଯୁବତୀ ଜଣକ ଶ୍ରାବଣ ସୋମବାର ବ୍ରତ କରିବା ଫଳରେ ତାଙ୍କର ମନସ୍କାମନା



ପୂର୍ଣ୍ଣ ହେବା ସହିତ ମନବାଞ୍ଛିତ ପତି ଲାଭ କରିଥାନ୍ତି ।

ଶ୍ରାବଣରେ ଶିବ ପୂଜା କରିବା ପାଇଁ ସକାଳୁ ସ୍ନାନାଦି କାର୍ଯ୍ୟ ସମ୍ପନ୍ନ କରି ଶିବ ଦର୍ଶନ କରିବା ବିଶେଷ ମହତ୍ତ୍ୱ ରହିଛି । ଏଠାରେ ଶିବ ପୂଜା ଉପରେ ପଞ୍ଚାମୃତ (କ୍ଷୀର, ଦହି, ମହୁ, ଘିଅ, ଗୁଡ) ଆଦି କରି ଶିବଙ୍କୁ ସ୍ନାନ କରାଯାଇଥାଏ । ଏହାପରେ ଜଳରେ ଶୁଦ୍ଧ ସ୍ନାନ କରାଯାଇଥାଏ । ପରେ ବସ୍ତ୍ର ଅର୍ପଣ କରାଯାଇଥାଏ । ପୁଣି ଚନ୍ଦନ, ଫୁଲ, ୧୦୮ ଚାଉଳ, ଦାନ, ପାନ ପତ୍ର, ଦୁଦୁରା ଫୁଲ, ଫଳ ଓ ନଡିଆ ଚଢ଼ା ଯାଇଥାଏ । ଶିବ ପୂଜାରେ କ୍ଷୀରର ବିଶେଷ ମହତ୍ତ୍ୱ ରହିଛି ।

ନର୍ମଦାରୁ ବାହାରି ଶିବଲିଙ୍ଗ ସ୍ୱୟଂ ପ୍ରତିଷ୍ଠିତ । ଏହାର ବର୍ଣ୍ଣନା ପୁରାଣରେ ମଧ ଦେଖିବାକୁ ମିଳିଥାଏ । ଏହାକୁ ପାରଦ ଶିବଲିଙ୍ଗ କୁହାଯାଇଥାଏ । ହରିଦ୍ୱାରରେ ପରଦେଶ୍ୱର ମହାଦେବ ମନ୍ଦିରରେ ଶିବଲିଙ୍ଗ ବିଷୟରେ ବହୁ ସଂହିତାରେ ବର୍ଣ୍ଣନା କରାଯାଇଛି । ପାରଦେଶ୍ୱର ଶିବଲିଙ୍ଗର ବିଶେଷ ବର୍ଣ୍ଣନା ମିଳିଥାଏ । ରାବଣକୁ ରସ ସିଦ୍ଧ ଯୋଗୀ ମଧ ମାନିଥାନ୍ତି ଓ ଏହି ଶିବଲିଙ୍ଗ ପୂଜା କରି ରାବଣ ଲଙ୍କାକୁ ସ୍ୱର୍ଣ୍ଣ ଲଙ୍କାରେ ପରିଣତ କରିଥିଲା । ବ୍ରହ୍ମ ହତ୍ୟା ଓ ଗୋହତ୍ୟା ଭଳି ଜଘନ୍ୟ ଅପରାଧ ପାରଦ ଶିବଲିଙ୍ଗକୁ ଦର୍ଶନ ମାତ୍ରକେ ଦୂର ହୋଇଥାଏ । ଏହାର ସ୍ପର୍ଶ ମାତ୍ରକେ ମୋକ୍ଷ ପ୍ରାପ୍ତି ହୋଇଥାଏ । କୁହାଯାଏ କି ପାରଦ ଶିବଲିଙ୍ଗ ଶିବଙ୍କ ଅତି ପ୍ରିୟ । ଶାସ୍ତ୍ର ମୁତାବକ ପାରଦ ଶିବଲିଙ୍ଗ ସ୍ୱୟମ୍ଭୁ ପ୍ରତୀକ ମାନିଥାନ୍ତି । ଏହି ଶିବଲିଙ୍ଗ ଯେଉଁଠି ପୂଜା ପାଇଥାନ୍ତି ସେଠାରେ ସାକ୍ଷାତ୍, ମହାଦେବ ବାସ କରନ୍ତି । ପାରଦ ଶିବ ଲିଙ୍ଗର ପୂଜା କରିବା ଫଳରେ ଅଶ୍ୱମେଧ ଯଜ୍ଞର ବରାବର ମାନିଥାନ୍ତି । ପାରଦକୁ ରସାୟନଶାସ୍ତ୍ରରେ ରସରାଜ କୁହାଯାଇଥାଏ । ଧର୍ମଶାସ୍ତ୍ର ଅନୁସାରେ ପାରଦ ନିର୍ମିତ ଶିବଲିଙ୍ଗ ପୂଜା କରିବା ଫଳରେ ଅଟକି ରହିଥିବା କାମ ଠିକ୍ ହୋଇଥାଏ । ଏମିତି ଅକାଳ ମୃତ୍ୟୁ ମଧ ଟଳି ଯାଇଥାଏ ।

ମହାକାଳେଶ୍ୱର ମନ୍ଦିରର ଶିବଲିଙ୍ଗରେ ଲିଙ୍ଗକୁ ଅଭିଷେକ କରିବା ପାଇଁ ପଞ୍ଚାମୃତ ଘର୍ଷଣ କରାଯାଇଥାଏ । ଏହି ଶିବଲିଙ୍ଗରେ ଭକ୍ତମନେ ପଞ୍ଚାମୃତ ଘର୍ଷଣ କରିବା ଫଳରେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ମାନ୍ୟତା ରହି ଆସିଛି । ଏଥିପାଇଁ ଭକ୍ତମାନେ ହଜାର ହଜାର ସଂଖ୍ୟାରେ ମହାକାଳେଶ୍ୱରଙ୍କୁ ଦର୍ଶନ କରିବା ସହିତ ପଞ୍ଚାମୃତ ଘର୍ଷଣ କରିବା ପାଇଁ ପ୍ରତିଦିନ ଶହ ଶହ ଲିଟର ପଞ୍ଚାମୃତ ପ୍ରଦାନ କରିଥାନ୍ତି ଯାହାକୁ ପୂଜକମାନେ ଶିବ ଲିଙ୍ଗରେ ଘର୍ଷଣ କରିଥାନ୍ତି, ବହୁ ଦିନରୁ ଏହି ପରମ୍ପରା ରହି ଆସୁଥିଲେ ହେଁ ମନ୍ଦିର ପ୍ରଶାସନ ଏହି ନିୟମକୁ ବନ୍ଦ କରି ପୂଜାରି ମାନେ ହାତରେ ପଞ୍ଚାମୃତ ଘର୍ଷଣ ନ କରି କେବଳ ପଞ୍ଚାମୃତ ଢ଼ାଳିବାର ନିୟମ ଲାଗୁ କରିଛନ୍ତି ।

ଅଭିଷେକ ମହତ୍ତ୍ୱ : ଶ୍ରାବଣରେ ଜଳାଅଭିଷେକର ମହତ୍ତ୍ୱ ରହିଛି । ଏହା ଶିବଙ୍କ ମାସ କୁହାଯାଏ । ଶିବଙ୍କୁ ଶୀତଳତା ପ୍ରଦାନ ପାଇଁ ଶ୍ରାବଣ ବାରିଧାରା ଢ଼ାଳି ଶିବଙ୍କୁ ପ୍ରକୃତିରାଣୀ ଅଭିଷେକ କରାଇଥାଏ । ଏଥି ସହିତ ଭକ୍ତଙ୍କ ମନସ୍କାମନା ପ୍ରାପ୍ତି ନିମନ୍ତେ ବୋଲବମ୍ ଭକ୍ତମାନେ ଜଳ ଲାଗି ତଥା ଜଳାଭିଷେକ କରିଥାନ୍ତି ।

ରୁଦ୍ରାଭିଷେକ : ଭଗବାନ ଶିବଙ୍କ ରୁଦ୍ର ଅବତାରଙ୍କୁ ହନୁମାନଙ୍କ ୧୧ତମ ଅବତାର ବୋଲି କହିଥାନ୍ତି । ତାଙ୍କୁ ପ୍ରସନ୍ନ କରିବା ପାଇଁ ରୁଦ୍ର ଅବତାର ଅଭିଷେକ ପୂର୍ଣ୍ଣ ବିଧି ବିଧାନ ସହିତ କହିଥାନ୍ତି । କୁହାଯାଏ କି ରୁଦ୍ରାଭିଷେକ ମାଧମରେ ସମସ୍ତ ଦେବୀ କୃପା ମିଳିଥାଏ । ଏହି ଅଭିଷେକର ବିଶେଷତଃ ଶିବରାତ୍ରୀ ସୋମବାର ଦିନ କରାଯାଇଥାଏ । ଅଭିଷେକ ପାଇଁ ଗାଈର କଞ୍ଚା କ୍ଷୀରରେ କରାଯାଇଥାଏ । ଏଥିରେ ପଞ୍ଚାମୃତ ମିଶାଇ ଶିବ ଲିଙ୍ଗ ଉପରେ ରୁଦ୍ରାଭିଷେକ କରାଯାଇଥାଏ ।

ହଳଦି ଅଭିଷେକ : ଏପରି କରିବା ଫଳରେ କାଳସର୍ପ ଯୋଗ, ଗୃହରେ କ୍ଳେଶ ଆଦି ଦୂର ହୋଇଥାଏ । ଏଥି ସହିତ ଦହିରେ ରୁଦ୍ରାଭିଷେକ କରିବା ଫଳରେ ଯାନବାହନ ସମସ୍ୟା ଦୂର ହୋଇଥାଏ । ଅଭିଷେକ କରିବା ଫଳରେ ମା' ଲକ୍ଷ୍ମୀ ମଧ ପ୍ରସନ୍ନ ହେବା ସହିତ ଲକ୍ଷ୍ମୀ କୃପା ମିଳିଥାଏ ।

ଦୁଗ୍ଧ ଅଭିଷେକ କରିବା ଫଳରେ ପରିବାର କଳି, ମାନସିକ ପୀଡ଼ାରୁ ଶାନ୍ତି ମିଳିଥାଏ । ଘୃତ ଅଭିଷେକ କରିବା ଫଳରେ ବଂଶବୃଦ୍ଧି ହୋଇଥାଏ । ଅତର ଅଭିଷେକ କରିବା ଫଳରେ ଭୌତିକ ସୁଖ ପ୍ରାପ୍ତି



ହୋଇଥାଏ ।

ଜଳାଧାରାରେ ଅଭିଷେକ କିରବା ଫଳରେ ମାନସିକ ଶାନ୍ତି ମିଳିଥାଏ । ମହୁ ଅଭିଷେକରେ ପରିବାରରରୁ ରୋଗମୁକ୍ତ ହୋଇ ଅଧିକ ପ୍ରିୟ ହୋଇଥାଏ । ଆଖୁ ରସରେ ଅଭିଷେକ କରିବା ଫଳରେ ଆର୍ଥିକ ସମୃଦ୍ଧି ଓ ପରିବାର ସୁଖଶାନ୍ତି ମିଳିଥାଏ ।

ଗଙ୍ଗାଜଳରେ ଅଭିଷେକ କରିବା ଫଳରେ ଚାରି ପୁରୁଷାର୍ଥ ପ୍ରାପ୍ତି କରିବା ସହିତ ମୋକ୍ଷ ପ୍ରାପ୍ତି ମିଳିଥାଏ । ଅଭିଷେକ ସମୟରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ଫଳରେ ଅଧିକ ଫଳପ୍ରାପ୍ତି ମିଳିଥାଏ । ସୋରିଷ ତେଲରେ ଅଭିଷେକ କରିବା ଫଳରେ ଶତ୍ରୁ ନାଶ ହୋଇଥାଏ ।

ଫୁଲ, ପତ୍ର ଚଢ଼ାଇବା ଫଳ : ବେଲପତ୍ର ଶିବଙ୍କର ସବୁଠାରୁ ପ୍ରିୟ ଏହାକୁ ଚଢ଼ାଇବା ଫଳରେ ଜନ୍ମଜନ୍ମାନ୍ତର ପାପରୁ ମୁକ୍ତି ମିଳିଥାଏ ।

କମଳା ଫୁଲ ଚଢ଼ାଇବା ଫଳରେ ଶାନ୍ତି ଓ ଧନ ପ୍ରାପ୍ତି ହୋଇଥାଏ । କୁଶ ଚଢ଼ାଇବା ଫଳରେ ମୁକ୍ତି ପ୍ରାପ୍ତ ହୋଇଥାଏ ।

ଦୁବ ଚଢ଼ାଇବା ଫଳରେ ବୃଦ୍ଧି ହୋଇଥାଏ । ଦୁଦୁରା ଫୁଲ ଅର୍ପଣ କରିବା ଫଳରେ ଆୟୁଷ ବୃଦ୍ଧି ହୋଇଥାଏ । କନିଅର ଫୁଲ ଚଢ଼ାଇବା ଫଳରେ ପରିବାର କଳହ ଓ ରୋଗ ଦୂର ହୋଇ ନିବୃତ୍ତି ମିଳିଥାଏ ।

ଶମିପତ୍ର ଚଢ଼ାଇବା ଫଳରେ ପାପ ନାଶ, ଶତ୍ରୁ ନାଶ ଭୂତ - ପ୍ରେମ ବାଧାରୁ ମୁକ୍ତି ମିଳିଥାଏ ।

## କ୍ରୀଡ଼ାବିତ ଦିଲ୍ଲୀପ ଚାନ୍ଦଙ୍କ ବିୟୋଗରେ ଶୋକ

ସମ୍ବଲପୁର : ମ୍ୟୁନସିପାଲ ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍କୁଲର ପୁରାତନ ଛାତ୍ର ତଥା ବିଶିଷ୍ଟ କ୍ରୀଡ଼ାବିତ ଦିଲ୍ଲୀପ ଚାନ୍ଦଙ୍କ ବିୟୋଗରେ ଭାରଚୁଏଲ ମାଧମରେ ଏକ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇଛି । ଏଥିରେ ଡାକ୍ତର ଲକ୍ଷ୍ମୀ ନାରାୟଣ ରଥ, ଅଧାପକ ଶ୍ୟାମ ସୁନ୍ଦର ଧର, ପୂର୍ବତନ ନଗରପାଳ ଆନନ୍ଦ ଜେନା, ଅକ୍ଷୟ ପ୍ରଧାନ, ଦୁର୍ଯ୍ୟୋଧନ ପଟେଲ, ସୂର୍ଯ୍ୟ ପଟ୍ଟନାୟକ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଅଶୋକ ପଟେଲ, ଜଗଦିଶ ସାହୁ, ଛେଦିଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଆଜିର ଚିନ୍ତନ

**ପା**ଣିର ଧର୍ମ ତଳକୁ ଯିବା । ସେହି ଭଳି ମନରୂପୀ ଜଳ ସର୍ବଦା ନିମ୍ନଗାମୀ । କିନ୍ତୁ ଯନ୍ତ୍ର ସାହାଯ୍ୟରେ ଜଣକୁ ଉଠାଇଲେ ତାହା ଉପରକୁ ଯାଏ । ଠିକ୍ ସେହିପରି ମନକୁ ଯନ୍ତ୍ର ସାଧୁସଙ୍ଗ ରୂପୀ ଯନ୍ତ୍ର ଦ୍ୱାରା ଉଠାଇଲେ ତାହାର ଉର୍ଦ୍ଧ୍ୱାୟତନ ହୁଏ ଏବଂ ମନ ଉପରେ ଥିବା ଈଶ୍ୱରଙ୍କ ନିକଟରେ ପହଞ୍ଚିଯାଏ । ଭଗବାନ୍ ଅଛନ୍ତି ଭଗବାନ ଜଗତରେ ନିଜ ସ୍ୱରୂପକୁ ଲୁଚାଇ ରଖିଛନ୍ତି । କିନ୍ତୁ ଭଗବାନ ଜଗତରେ ନିଜର ନାମକୁ ପ୍ରକଟ କରି ନେଇଛନ୍ତି । ଭଗବାନଙ୍କ ନାମରେ ଯେ ନିଜ ମନକୁ ରଖନ୍ତି, ମନ୍ତ୍ର ସହିତ ଯାହାଙ୍କ ମନର ମୈତ୍ରୀ ହୁଏ, ତାଙ୍କ ମନ ଭଗବତ ପଦାରବିନ୍ଦକୁ ଯାଇଥାଏ । ସଂସାର ବୃକ୍ଷର ମୂଳ ପରମାତ୍ମା ଉପରେ ଅଛନ୍ତି । ସଂସାରର ସତସଙ୍ଗ ଦୁର୍ଲଭ । ସନ୍ଥ ମିଳିବା ବଡ଼ କଠିନ । କୌଣସି ବ୍ୟକ୍ତି ସନ୍ଥ କି ନାହିଁ କିପରୀ ପରୀକ୍ଷା କରିବ ? ସବୁ ଜାତିରେ ସନ୍ଥ ଅଛନ୍ତି । ଏପରି କୌଣସି ଜାତି ନାହାନ୍ତି, ଯେଉଁଥିରେ ସବୁ ନ ଥିବେ, ନକଲ ସନ୍ଥ ବହୁତ ମିଳନ୍ତି । ଭଣ୍ଡ କଦାପି ବାବା ହୋଇ ପାରିବେ ନାହିଁ । ବାବା କେବେ ଭଣ୍ଡ ହୋଇ ପାରିବେ ନାହିଁ । ସନ୍ଥଙ୍କୁ ସନ୍ଥ ଚିହ୍ନି ପାରନ୍ତି । ସନ୍ଥଙ୍କ ପରୀକ୍ଷା ଜାତିରୁ ହୋଇ ନ ଥାଏ । ଯେ କୌଣସି ଜାତିରେ ସନ୍ଥ ଥାଇ ପାରନ୍ତି । ସନ୍ଥଙ୍କ ପରୀକ୍ଷା ବେଶଭୂଷା, ବସନରୁ ହୋଇ ନ ଥାଏ । ବହୁତ ବ୍ୟାଖ୍ୟା ନ କରୁଥିବା ବ୍ୟକ୍ତି ସନ୍ଥ ହୋଇ ନ ଥାଇ ପାରନ୍ତି । ପାଣ୍ଡିତ୍ୟରୁ ସନ୍ଥ ଜାଣିହୁଏ ନାହିଁ । ଯେ ବିଦ୍ୱାନ, ବହୁତ ପଢ଼ିଲେଖିଥାନ୍ତି, ସେ ବିଜ୍ଞ ହୋଇ ପାରନ୍ତି, କିନ୍ତୁ ସନ୍ଥ ହୋଇଥାଇ ପାରନ୍ତି ବା ନ ହୋଇଥାଇ ପାରନ୍ତି । ସନ୍ଥଙ୍କ ପରୀକ୍ଷା ଆଖି ଦ୍ୱାରା ଏ ମନ ଦ୍ୱାରା ହୋଇଥାଏ । ସନ୍ଥଙ୍କ ଆଖି ଭଗବାନଙ୍କ ପାଖରେ ସ୍ଥିର ରହିଥାଏ । ସନ୍ଥ ଅତିଶୟ ସହନ କରନ୍ତି । ତେଣୁ ତାଙ୍କ ମନ ଶାନ୍ତ ରହିଥାଏ । ମୁଖମଣ୍ଡଳ ପ୍ରସନ୍ନ ରହିଥାଏ । ସେ ଇତସ୍ତତଃ ବିଚଳିତ ହୁଅନ୍ତି ନାହିଁ । ସୁଖ, ଦୁଃଖ, ହାନିଲାଭ, ମାନ ଅପମାନ ଆଦି ପରସ୍ପର ବିପରୀତ ପରିସ୍ଥିତିରେ ମଧ ସେ ଶାନ୍ତ ସମାହିତ ରହନ୍ତି ସେହି ସାଧୁ । ସେ ହିଁ ସନ୍ଥ । ଅନୁକୂଳ ପରିସ୍ଥିତିରେ ରହିଥିବା ଶାନ୍ତି, ପ୍ରକୃତ ଶାନ୍ତି ନୁହେଁ । ବିପରୀତ, ପ୍ରତିକୂଳ ପରିସ୍ଥିତିରେ ମଧ ଶାନ୍ତ ରହିବା ହେଉଛି ବାସ୍ତବ ଶାନ୍ତି ଏବଂ ଏହା ଯାହା ପକ୍ଷେ ସମ୍ଭବ, ସେ ହିଁ ସନ୍ଥ । କେହି ଗାଳି ଦେଉ, ତିରସ୍କାର କରୁ, କୌଣସି ବିପତ୍ତି ଆସୁ, ସମ୍ପତ୍ତି ଆସୁ ସବୁ ପରିସ୍ଥିତିରେ ଯେ ଶାନ୍ତ, ସେ ହିଁ ସନ୍ଥ । ଈଶ୍ୱରଙ୍କ ଠାରେ ଭରସା ରଖି ଜୀବନଯାପନ କରୁଥିବା ବ୍ୟକ୍ତି ହିଁ ପ୍ରକୃତ ସନ୍ଥ ।

# ଧର୍ମ ହିଁ ଜୀବନର ଆଧାର

ମନୁଷ୍ୟ ହେଉଛି ବିଧାତାଙ୍କର ସର୍ବଶ୍ରେଷ୍ଠ ରଚନା । ମନୁଷ୍ୟ ବିଧାତାଙ୍କର ସର୍ବୋତ୍ତମ ଅଭିବ୍ୟକ୍ତି । ଏହି ତଥ୍ୟକୁ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍‌ଭାଗବତ କହିଛନ୍ତି- ମୁଁ ଅନେକ ପ୍ରକାର ଶରୀରର ନିର୍ମାଣ କରିଛି, କିନ୍ତୁ ମୋତେ ଏହି ମନୁଷ୍ୟ ଶରୀର ସବୁଠାରୁ ପ୍ରିୟ ଲାଗେ । ଶତପଥ ବ୍ରାହ୍ମଣରେ କୁହାଯାଇଛି ଯେ, ନର ହିଁ ନାରାୟଣଙ୍କର ସର୍ବାଧିକ ସମୀପ ଅଟେ । ବାଇବେଲରେ କୁହାଯାଇଛି ଯେ, ଏହି ସଂସାରରେ ମନୁଷ୍ୟ ହିଁ ପରମସତ୍ତାଙ୍କର ସାକାର ରୂପ । କୋରାନର ଆୟତ୍ତ କହିଥାଏ ଯେ ମନୁଷ୍ୟ ପୃଥିବୀ ଉପରେ ଆଲ୍ଲାଙ୍କର ପ୍ରତିନିଧି ତଥା ଆଲ୍ଲା ତାକୁ ଶ୍ରେଷ୍ଠ ରୂପ ପ୍ରଦାନ କରି ଛାଡିଛନ୍ତି ।

ଭାରତୀୟ ଦର୍ଶନ, ଭାରତୀୟ ଚିନ୍ତନ, ଭାରତୀୟ ସଂସ୍କୃତି ଅନୁସାରେ ଚୌରାଅଶୀ ଲକ୍ଷ ଯୋନିରେ ଭ୍ରମିତ ହେବା ପରେ ମନୁଷ୍ୟ ଶରୀର ପ୍ରାପ୍ତ ହୋଇଥାଏ । ତେଣୁ ଏତେ ଦୁର୍ଲଭ ମନୁଷ୍ୟ ଶରୀର, ମନୁଷ୍ୟ ଜୀବନକୁ ଯଦି ଆଳସ୍ୟ, ପ୍ରମାଦ, ଭୋଗରେ ନଷ୍ଟ କରି ଦିଆଯାଏ, ତେବେ ଏହି ଅବସରର ସବୁଠାରୁ ହାନି ହୋଇଥାଏ । ମାନବ ଶରୀର ନିଃସନ୍ଦେହ ଅଜର, ଅମର ନୁହେଁ, କିନ୍ତୁ ମନୁଷ୍ୟ ଶରୀରରେ ପରମାତ୍ମାଙ୍କ ଅଂଶ ରୂପରେ ବିଦ୍ୟମାନ, ଜୀବାତ୍ମା ଅଜର, ଅମର ଅବିନାଶୀ ଅଟେ । ଆମେ ଶରୀରରେ ପରମାତ୍ମାଙ୍କ ଅଂଶ ରୂପରେ, ବୀଜ ରୂପରେ ଉପସ୍ଥିତ ଜୀବାତ୍ମାକୁ ହିଁ ଈଶ୍ୱରୀୟ ରୂପରେ, ପରମାତ୍ମା ରୂପରେ ଅଭିବ୍ୟକ୍ତ କରିବାକୁ ହେବ ଏବଂ ଶାଶ୍ୱତ ସୁଖ, ପରମ ସୁଖକୁ ପ୍ରାପ୍ତ କରିବାକୁ ହେବ ।

ଏହା ମାନବ ଜୀବନର ସର୍ବଶ୍ରେଷ୍ଠ ଉଦ୍ଦେଶ୍ୟ, କର୍ତ୍ତବ୍ୟ ଅଟେ । ଏହି ଅସ୍ଥିର ଓ ଅନିତ୍ୟ ମାନବ ଦେହକୁ ପ୍ରାପ୍ତ କରି ଏହା ଦ୍ୱାରା ନିତ୍ୟ, ଶାଶ୍ୱତ ତତ୍ତ୍ୱକୁ ଜାଣିବାର ପ୍ରୟାସ କରି ଆତ୍ମକଲ୍ୟାଣକୁ ପ୍ରାପ୍ତ କରିବା ହିଁ ମାନବୀୟ ଦାୟିତ୍ୱ । ଏହା ମନୁଷ୍ୟ ଜୀବନର ପ୍ରମୁଖ କର୍ତ୍ତବ୍ୟ ମଧ୍ୟ । ବିଭିନ୍ନ ଧର୍ମରେ ଆତ୍ମକଲ୍ୟାଣର, ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ ବତାଯାଇଛି । ଶ୍ରୁତି କହେ, ଯଦି ମନୁଷ୍ୟ ସ୍ୱୟଂକୁ କେବଳ ଦେହ ମାନେ, ଶରୀର ମାନେ ତେବେ ଶରୀର ମାତ୍ରକୁ ସଜାଇବା, ପୋଷିତ କରିବା ଏବଂ ଇନ୍ଦ୍ରିୟ ଜନିତ ସୁଖର ପ୍ରାପ୍ତି ପଛରେ ହିଁ ତା'ର ସମସ୍ତ ଜୀବନଯାତ୍ରା ସୀମିତ ରହିଯାଏ । ସେ ଦେହ ପାଇଁ ଜିଇଥାଏ, ଶରୀର ପାଇଁ ଜିଇଥାଏ, ଇନ୍ଦ୍ରିୟସୁଖ ପ୍ରାପ୍ତି ପାଇଁ ଜିଇଥାଏ, କାରଣ ସେ ସ୍ୱୟଂକୁ ଶରୀର, ଦେହ ବୋଲି ଜ୍ଞାନ କରେ ଓ ଶରୀର ସୁଖ, ଇନ୍ଦ୍ରିୟ ସୁଖ, ବିଷୟ ସୁଖକୁ ହିଁ ସଚ୍ଚା ସୁଖ ମାନିଥାଏ ।

ଏହି ପ୍ରକାର ଐନ୍ଦ୍ରିକ ଜୀବନ, ଦୈହିକ ଜୀବନ, ଭୌତିକ ଜୀବନଯାପନ କରି ହିଁ ସେ ଏହି ସଂସାରରୁ ବିଦାୟ ନିଏ । ଯେହେତୁ ସେ ଦେହକୁ ହିଁ ସର୍ବୋପରି ମାନେ, ସେଥିପାଇଁ ସେ ଆତ୍ମାର ମୁକ୍ତି, ଆତ୍ମକଲ୍ୟାଣ ପାଇଁ କୌଣସି ପ୍ରୟାସ, ପୁରୁଷାର୍ଥ କରି ନ ଥାଏ । ଫଳସ୍ୱରୂପ ତା'ର ଆତ୍ମା ତା' ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକାର ଶୁଭ - ଅଶୁଭ, ପାପ-ପୁଣ୍ୟାଦି କର୍ମର ସଂସ୍କାର ରୂପୀ ବନ୍ଧନରେ ବାନ୍ଧି ହୋଇ ବାରମ୍ବାର ଜନ୍ମ ନିଏ, ନୂଆ ନୂଆ ଶରୀର ଧାରଣ କରିଚାଲେ, କିନ୍ତୁ ମୁକ୍ତ ହୋଇପାରେ ନାହିଁ, କାରଣ ତା'ର ମୁକ୍ତିର ଉପାୟ ହିଁ କରାଯାଇ ନ ଥାଏ, ପୁରୁଷାର୍ଥ କରାଯାଇ ନ ଥାଏ, ସେଥିପାଇଁ ଅଧିକାଂଶ ଲୋକ ଦୈହିକ ଜୀବନ, ଭୌତିକ ଜୀବନ, ଲୌକିକ ଜୀବନ ଜିଇ ହିଁ ଏହି ସଂସାରରୁ ବିଦା ହୋଇଯାନ୍ତି । ଆମେ ଏହି ଲୌକିକ ଜଗତରେ ଜନ୍ମ ନେଉ, ଭୌତିକ ଜଗତରେ ଜନ୍ମ ନେଉ, ଭୌତିକ ଶରୀରରେ ଜନ୍ମ ନେଉ, ତେଣୁ ଲୌକିକ ଜୀବନ, ଭୌତିକ ଜୀବନ ମନୁଷ୍ୟ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ପକ୍ଷ ତ ଅଟେ, କିନ୍ତୁ ଏହି ଲୌକିକ, ଭୌତିକ ପକ୍ଷ ହିଁ ପୂର୍ଣ୍ଣ ଜୀବନ, ସମ୍ପୂର୍ଣ୍ଣ ଜୀବନ ନୁହେଁ ।

ଭୌତିକ ସୁଖ ହିଁ ଶାଶ୍ୱତ ସୁଖ ନୁହେଁ । ଇନ୍ଦ୍ରିୟ ଜନିତ ସୁଖ କ୍ଷଣିକ, କ୍ଷଣଭଙ୍ଗୁର, କାରଣ ଏହା ମାଧ୍ୟମରେ ଇନ୍ଦ୍ରିୟଗୁଡ଼ିକୁ ସ୍ଥାୟୀ ତୃପ୍ତି ମିଳେ ନାହିଁ, ପରନ୍ତୁ ଆତ୍ମାରୁ ନିଃସୃତ ସୁଖ ଶାଶ୍ୱତ ସୁଖ ଅଟେ । ଏହାକୁ ପ୍ରାପ୍ତ କରି ଜୀବାତ୍ମାକୁ ପରମ ଆନନ୍ଦ, ବ୍ରାହ୍ମୀ ଆନନ୍ଦର ପ୍ରାପ୍ତି ହୋଇଥାଏ ଓ ଆତ୍ମା ସମସ୍ତ ପ୍ରକାର କର୍ମବନ୍ଧନରୁ ମୁକ୍ତ ହୋଇଯାଏ ଏବଂ ପୁଣି ଜୀବାତ୍ମାକୁ ଜୀବନ ମରଣର ଚକ୍ରବ୍ୟୂହରୁ ମଧ୍ୟ ମୁକ୍ତି ମିଳିଯାଏ, ସେଥିପାଇଁ ଭାରତୀୟ ଋଷିଗଣ ଭୌତିକ ଜୀବନ ସହିତ ଆତ୍ମିକ ଜୀବନ, ଆଧାତ୍ମିକ ଜୀବନ ଜିଇବାର ମହତ୍ତ୍ୱ, ଆବଶ୍ୟକତା ଉପରେ ବହୁତ ଅଧିକ ଜୋର ଦେଇଛନ୍ତି । ଭୌତିକ ଓ ଆଧାତ୍ମିକ ଜୀବନରେ ସନ୍ତୁଳନ ଆବଶ୍ୟକ ।

ଏଗୁଡିକ ମଧ୍ୟରୁ କୌଣସି ଗୋଟିକର ଉପେକ୍ଷା ଆମ ଜୀବନକୁ ଅପୂର୍ଣ୍ଣ କରିଦିଏ । ଭୌତିକ ଜୀବନ ଏକାଙ୍ଗୀ ଜୀବନ ଅଟେ । ଏହା ଅପୂର୍ଣ୍ଣ ଜୀବନ ଅଟେ, କିନ୍ତୁ ଆଧାତ୍ମିକ ଜୀବନ, ଆତ୍ମିକ ଜୀବନ ଦ୍ୱାରା ଆମର ଜୀବନ ପରିପୂର୍ଣ୍ଣ ହୋଇଥାଏ, ସମ୍ପୂର୍ଣ୍ଣ ହୋଇଥାଏ, ସେଥିପାଇଁ ପୂର୍ଣ୍ଣ ଜୀବନ, ସମ୍ପୂର୍ଣ୍ଣ ଜୀବନ, ଆନନ୍ଦପୂର୍ଣ୍ଣ ଜୀବନ ଜିଇବା ପାଇଁ ଭାରତୀୟ ସଂସ୍କୃତିରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ରୂପରେ ପୁରୁଷାର୍ଥ ଚତୁଷ୍ଟୟର ପ୍ରାପ୍ତି ଉପରେ ଜୋର ଦିଆଯାଇଛି ।

ପୁରୁଷାର୍ଥ ଚତୁଷ୍ଟୟ ଭୌତିକ ଜୀବନ ଓ ଆତ୍ମିକ ଜୀବନ, ଆଧାତ୍ମିକ ଜୀବନର ଅଦ୍ଭୁତ ସଙ୍ଗମ ଅଟେ । ଏଥିରେ ଅର୍ଥ ଓ କାମ ରୂପରେ ଭୌତିକ ଜୀବନକୁ ମହତ୍ତ୍ୱ ଦିଆଯାଇଛି, ଅନ୍ୟ ପକ୍ଷରେ ଧର୍ମ ଓ ମୋକ୍ଷ ରୂପେ ଆତ୍ମିକ ଜୀବନ ଏବଂ ଆଧାତ୍ମିକ ଜୀବନକୁ



ମହତ୍ତ୍ୱ ଦିଆଯାଇଛି, କିନ୍ତୁ ଧର୍ମ କେବଳ ଆତ୍ମିକ, ଆଧାତ୍ମିକ ଜୀବନ ପାଇଁ ନୁହେଁ, ବରଂ ସୁଖୀ ଓ ସଫଳ ଭୌତିକ ଜୀବନ ପାଇଁ ମଧ୍ୟ ଅନିବାର୍ଯ୍ୟ । ଧର୍ମ ଓ ମୋକ୍ଷର ଉପେକ୍ଷା କରାଯିବା ଯୋଗୁଁ ହିଁ ଆଜି ସମାଜରେ ଘୃଣା, ବ୍ୟଭିଚାର, ଭ୍ରଷ୍ଟାଚାର, ଅନାଚାର, ହିଂସା ଇତ୍ୟାଦି ବ୍ୟାପକ ରୂପେ ସଂବ୍ୟାପ୍ତ । ମନୁଷ୍ୟ ଆନ୍ତରିକ ରୂପେ ଅଶାନ୍ତ, ଅସ୍ଥିର, ବ୍ୟାକୁଳ, ଏହା ବ୍ୟକ୍ତି ଓ ସମାଜ ଉଭୟ ପାଇଁ ଅଶୁଭ ।

ଧର୍ମ ଆମକୁ ମାନବୀୟ ସ୍ୱଭାବରେ ରହିବା ଶିଖାଇଥାଏ, ମାନବୀୟ ମର୍ଯ୍ୟାଦାରେ ରହିବା ଶିଖାଇଥାଏ । ଏହା ଉଚିତ ଅନୁଚିତ, ଶୁଭ- ଅଶୁଭ, ଭଲ- ମନ୍ଦର ଭେଦ କରି ଉଚିତ ବ୍ୟବହାର, ଶୁଭ ବ୍ୟବହାର, ଭଲ ବ୍ୟବହାର ଓ ସ୍ୱଭାବରେ ରହିବାକୁ ପ୍ରେରିତ କରିଥାଏ । ଅଧର୍ମ ଓ ଅନୈତିକ କ୍ରିୟାକଳାପ ଠାରୁ ଦୂରେଇ ରହିବାର ପ୍ରେରଣା ଦେଇଥାଏ । ଏହା ଆମକୁ ଅର୍ଥ ଓ କାମ ପରି ଭୌତିକ ପୁରୁଷାର୍ଥକୁ ନୈତିକ ଏବଂ ଉଚିତ ଉପାୟରେ ଲାଭ କରିବାର ପ୍ରେରଣା ଦେଇଥାଏ । ଧର୍ମ ଆମର ଅଶୁଭ ଓ କଳୁଷିତ ଭାବନା ତଥା ଅନିୟନ୍ତ୍ରିତ ଆର୍ଥିକ ଅଭିଳାଷଗୁଡିକ ଉପରେ ଅଙ୍କୁଶ ଓ ନିୟନ୍ତ୍ରଣ ରଖି ଜୀବନକୁ ସରଳ ଓ ଶାନ୍ତ ଏବଂ ଆନନ୍ଦମୟ କରି ରଖିବା ପାଇଁ ଆଦେଶ ପ୍ରଦାନ କରିଥାଏ । ଧର୍ମକୁ ଜୀବନର ପ୍ରାରମ୍ଭରୁ ହିଁ ଧାରଣ କରିନେବା ଦ୍ୱାରା ଆମର ଅନ୍ୟ ତିନି ପୁରୁଷାର୍ଥ ମଧ୍ୟ ସିଦ୍ଧ ହୋଇଯାଏ । ଧର୍ମ ଆମ ଜୀବନର ପଥ ପ୍ରଦର୍ଶକ, ଯାହା ଆମକୁ କୌଣସି ଶୁଭ ଅଶୁଭ, ଭଲ ମନ୍ଦ, ପାପ ପୁଣ୍ୟ ଆଦି କର୍ମର ଶୁଭ ଓ ଦୁଷ୍ପରିଣାମର ସୂଚନା ପ୍ରଦାନ କରିଥାଏ ।

ଈଶ୍ୱର ସର୍ବବ୍ୟାପୀ, ନ୍ୟାୟକାରୀ । ସେ ଆମ ଦ୍ୱାରା କରାଯାଉଥିବା ଭଲ ମନ୍ଦ କର୍ମର ସାକ୍ଷୀ । କର୍ମଫଳ ବିଧାନ ଦ୍ୱାରା ଆମକୁ ଆମ କର୍ମ ଫଳ ମିଳିବା ଆବଶ୍ୟମ୍ଭାବୀ । ଖରାପ କର୍ମ କରିବା ଦ୍ୱାରା ଆମକୁ ଆତ୍ମଗ୍ଲାନି ହୋଇଥାଏ । ପୁଣି କର୍ମ କରିବା ଦ୍ୱାରା ଆମକୁ ଆତ୍ମସୁଖ, ଆତ୍ମସନ୍ତୋଷ ପ୍ରାପ୍ତ ହୋଇଥାଏ । ଏହି ସମସ୍ତ ପ୍ରେରଣା ଆମକୁ ଧର୍ମ ପ୍ରଦାନ କରିଥାଏ । ଆମେ ଯେଉଁଠି ଅଛୁ, ଯେଉଁ ଭାବରେ ରହିଛୁ, ଯେଉଁ କାର୍ଯ୍ୟରେ ଲାଗିଛୁ, ସେଠାରେ ଆମେ ଆମର ପ୍ରତ୍ୟେକ କର୍ମକୁ, କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ସଚ୍ଚୋଟତାର ସହିତ କରିବା । ଏହି ଶିକ୍ଷଣ ଧର୍ମଠାରୁ ଆମକୁ ପ୍ରାପ୍ତ ହୋଇଥାଏ ।

ଆମେ ଶିକ୍ଷକ, ଚିକିତ୍ସକ, ବେପାରୀ, କୃଷକ, ବିଦ୍ୟାର୍ଥୀ, ମାଳୀ, ଅଭିନେତା, ବୈଜ୍ଞାନିକ ତଥା ଯେକୌଣସି ପେଶାରେ ଥାଉ, କର୍ମ କରିଥାଉ, ସେଥିରେ ଆମେ ସଚ୍ଚୋଟତାପୂର୍ବକ ନିଜ ଶ୍ରମର ସମୟର, ପ୍ରତିଭାର ସୁନିୟୋଜନ କରିବା, ଯାହା ଦ୍ୱାରା ଆମ ସହିତ ପରିବାର, ସମାଜ, ରାଷ୍ଟ୍ର ଓ ସମ୍ପୂର୍ଣ୍ଣ ବିଶ୍ୱର କଲ୍ୟାଣ ହୋଇପାରିବ । ଏହି ଦିବ୍ୟ ପ୍ରେରଣା ଆମକୁ ଧର୍ମଠାରୁ ହିଁ ପ୍ରାପ୍ତ ହୋଇଥାଏ । ଧର୍ମ କୌଣସି ପନ୍ଥା ବା ସମ୍ପ୍ରଦାୟର ନାମ ନୁହେଁ ।

ଧର୍ମ ଇଂରାଜୀର ରିଲିଜିଅନ ଶବ୍ଦର ଓଡ଼ିଆ ରୂପାନ୍ତରଣ ମଧ୍ୟ ନୁହେଁ । ଧର୍ମ ବହୁଳ ବ୍ୟାପକ ଶବ୍ଦ ଏବଂ ଏହାର ଅର୍ଥ ମଧ୍ୟ ବ୍ୟାପକ । ଧର୍ମ ଶବ୍ଦର ଉଦ୍‌ଭବ 'ଧୃ' ଧାତୁରୁ ହୋଇଛି ଯାହାର ଅର୍ଥ ହେଲା ଧାରଣ କରିବା । ତେଣୁ ଯାହା ଧାରଣ କରିବା ଯୋଗ୍ୟ, ତାହା ହିଁ ଧର୍ମ । ଯେପରି ମୂଳ ସହାୟତାରେ ପୂରା ବୃକ୍ଷ ଠିଆ ହୋଇଥାଏ, ସେପରି ଧର୍ମ ସହାୟତାରେ ଆମ ଜୀବନ ଶୀର୍ଷ ପର୍ଯ୍ୟନ୍ତ ପହଞ୍ଚି ଥାଏ, ନିଜର ସର୍ବୋଚ୍ଚ ଲକ୍ଷ୍ୟକୁ ପ୍ରାପ୍ତ କରିଥାଏ । ଧର୍ମ ଆମର ମାନବୀୟ ସ୍ୱଭାବ, କର୍ତ୍ତବ୍ୟ ଅଟେ ।

ପ୍ରତ୍ୟେକ ବସ୍ତୁର, ପ୍ରାଣୀର ନିଜସ୍ୱ ଧର୍ମ ରହିଥାଏ, ସ୍ୱଭାବ ରହିଥାଏ । ଚନ୍ଦ୍ରର ସ୍ୱଭାବ ତାହାର କିରଣରେ, ଶୀତଳତାରେ, ପ୍ରକାଶରେ ଦେଖାଯାଏ ଏବଂ ସୂର୍ଯ୍ୟର ସ୍ୱଭାବ ତାହାର ଉଷ୍ଣତା ଓ ତାପ ମଧ୍ୟରେ ପରିସ୍ଫୁଟ ହୋଇଥାଏ । ଜଳର ସ୍ୱଭାବ ପ୍ରବାହିତ ହେବା, ବାୟୁର ସ୍ୱଭାବ ସଞ୍ଚରଣ ହୋଇଥାଏ, ଅଗ୍ନିରେ ଉଷ୍ଣତା ଥାଏ ଏବଂ ମନୁଷ୍ୟତା ରହିବା ମାନବୀୟ ଗୁଣ ରହିବା ହିଁ ତା'ର ଧର୍ମ ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ରୋଗୀ : ଡକ୍ଟର ସାର୍, ମୋର ଗୋଟେ ଅସୁବିଧା ହେଉଛି । ମୁଁ ଖାଇ ସାରିଲା ପରେ ମତେ ଭୋକ କରୁନି । ଶୋଇ ସାରିଲା ପରେ ନିଦ ହେଉନି । ପାଣି ପିଇବା ପରେ ଶୋଷ ଲାଗୁନି । ମୁଁ କ'ଣ କରିବି ଜଲଦି କୁହନ୍ତୁ ?

ଡକ୍ଟର : ରାତିରେ ସୂର୍ଯ୍ୟ କିରଣ ଆଗରେ ଆଖି ଖୋଲି ଶୋଇପଡ ଠିକ୍ ହେଇଯିବ ।

× × × ×

ଡକ୍ଟର : ଆପଣଙ୍କର ଗୋଟେ କିଡ୍‌ନୀ ଫେଲ୍ ହୋଇଯାଇଛି ।

ଚିଣ୍ଟୁ ଶୁଣିବା ପରେ ବହୁତ କାନ୍ଦିଲା ।

କିଛି ସମୟ ପରେ ଲୁହ ପୋଛିଲା ।

ଚିଣ୍ଟୁ : ସାର୍ କେତେ ନମ୍ବରରେ ଫେଲ୍ ହେଇଛି ?



× × ×

ପପୁ ଗୋଟେ କମ୍ପାନୀକୁ ଇଣ୍ଟରଭ୍ୟୁ ଦେବାକୁ ଗଲା ।

ବସ୍ : ଆପଣ ସିଲେକ୍ଟ ହେଇଛନ୍ତି । ଏଇ ବର୍ଷ ଆପଣଙ୍କ ଦରମା ୫ ଲକ୍ଷ ଟଙ୍କା । ଆସନ୍ତା ବର୍ଷ ୧୦ ଲକ୍ଷ ଟଙ୍କା କରି ଦିଆଯିବ ।

ପପୁ ଶୁଣିବା ପରେ ସିଟ୍‌ରୁ ଉଠି ଯିବାକୁ ଲାଗିଲା ।

ବସ୍ : କ'ଣ ହେଲା ?

ପପୁ : ସାର୍ ମୁଁ ଆସନ୍ତା ବର୍ଷ ଆସିବି ।

× × × ×

ସ୍ତ୍ରୀ : ମତେ କେତେ ଭଲ ପାଉଛ ?

ସ୍ୱାମୀ : ଶାହାଜାହାନ ପରି ।

ସ୍ତ୍ରୀ : ମୋ ପାଇଁ ତାଜମହଲ ତିଆରି କରିବ ?

ସ୍ୱାମୀ : ମୁଁ ତ ଜାଗା କିଣି ସାରିଲାଣି । ହେଲେ ତୁ ମରିବାକୁ ଡେରି କରୁଛୁ ।

× × × × × ×

ଏକ ପାର୍ଟିରେ ସମସ୍ତେ ବାନ୍ତି କରୁଥାଆନ୍ତି । ଜଣେ ଚୁପଚାପ୍ ଠିଆ ହୋଇଥାଆନ୍ତି । ଏହା ଦେଖି ମହେଶ ସେହି ବ୍ୟକ୍ତିଙ୍କୁ - ଏଠି ସମସ୍ତେ ବାନ୍ତି କାହିଁକି କରୁଛନ୍ତି ?

ବ୍ୟକ୍ତି : କେଜାଣି ? ପ୍ରଥମେ ତ ମୁଁ ବାନ୍ତି କଲି । ସମସ୍ତେ ନାକ ଟେକିବାରୁ ତାକୁ ମୁଁ ପୁଣିଥରେ ଖାଇଦେଲି । ସେତେବେଳ ଠାରୁ ଜଣକ ପରେ ଜଣେ ବାନ୍ତି କରି ଚାଲିଛନ୍ତି ।

ଶ୍ରୀକ୍ଷେତ୍ର

ବର୍ଷ ୨୫, ସଂଖ୍ୟା-୨୮, ୦୮ - ୧୪ ଅଗଷ୍ଟ ୨୦୨୧

# ଆସ ପ୍ରକୃତି ଆଡ଼କୁ ଫେରିଯିବା

ପ୍ରାକୃତିକ ଅସନ୍ତୁଳନ ଯୋଗୁଁ ବହୁ ପ୍ରକାରର ବିପଦ ଆସିଥାଏ । ପ୍ରାକୃତିକ ବିପଦ ସାମୁଦ୍ରିକ ତୋଫାନ ରୂପରେ ହେଉ ବା ବରଫ ଡ଼ୁଢ଼ ରୂପେ ସେଗୁଡିକର ରୌଦ୍ର ରୂପର ସ୍ୱର ସନ୍ଦେଶ ସର୍ବଦା ଗୋଟିଏ ହିଁ ହୋଇଥାଏ । ପ୍ରାକୃତିକ ବିପଦ ସବୁବେଳେ ଆସିଥାଏ, କିନ୍ତୁ ଗତ ୫୦ ରୁ ୧୦୦ ବର୍ଷ ମଧ୍ୟରେ ଆସିଥିବା ବିପଦ ଅତ୍ୟନ୍ତ ବିନାଶକ ପ୍ରମାଣିତ ହୋଇଛି । ପାଣିପାଗ ବୈଜ୍ଞାନିକଙ୍କ ମତରେ ଦ୍ରୁତ ପାଣିପାଗ ପରିବର୍ତ୍ତନ ଯୋଗୁଁ ଏପରି ହେଉଛି ଏବଂ ଏଥିପାଇଁ ମାନବୀୟ କାରଣ ମୁଖ୍ୟତଃ ଦୋଷୀ । ଆମେ ଆମର ସ୍ୱାର୍ଥ ପାଇଁ ପ୍ରକୃତିକୁ ଏତେ ଅଧିକ ଶୋଷଣ କରି ନେଇଛେ ଯେ ପ୍ରାକୃତିକ ଅସନ୍ତୁଳନ ସୃଷ୍ଟି ହୋଇଯାଇଛି ।

ଆମେରିକାର ନିଉ ଅରଲିୟନସ, ଲୁଇସିୟାନାରେ ଅଗଷ୍ଟ ୨୦୦୫ ରେ କ୍ୟାଟରିନା ନାମକ ତୋଫାନ ଉଠିଥିଲା ଏବଂ ଏହାର ତୀବ୍ରତା ଥିଲା ଘଣ୍ଟାକୁ ୧୭୫ ମାଇଲ । ଘଣ୍ଟାକୁ ୧୭୫ ମାଇଲ ଗତିରେ ପ୍ରବାହିତ ତୋଫାନ ଦ୍ୱାରା ନ୍ୟୁ ଅରଲିୟନସ ସହରର ଶତକଡ଼ା ୮୦ ଭାଗ ଜଳମଗ୍ନ ହୋଇ ଯାଇଥିଲା । ଆମେରିକାର ଏହି ସହରରେ ଏହା ପୂର୍ବରୁ କଦାପି ଏତେ ଭୀଷଣ କ୍ଷତି ହୋଇ ନ ଥିଲା । ଆଟଲାଣ୍ଟିକା ମହାସାଗରରେ ଉଠିଥିବା ଏହି କ୍ୟାଟରିନା ତୋଫାନର ଶକ୍ତି ଏତେ ଭୀଷଣ ଥିଲା ଯେ ଏହାକୁ ଇତିହାସର ଚତୁର୍ଥ ସର୍ବାଧିକ ଭୀଷଣ ତୋଫାନ ଭାବରେ ଗ୍ରହଣ କରା ଯାଇଥିଲା ।

ଭୂମିକମ୍ପ ଯୋଗୁଁ ସମୁଦ୍ରରେ ଉଠୁଥିବା ସୁନାମୀର ଲହଡି ତ ତାହାର ଧ୍ୱଂସ କରିବାର ଶକ୍ତି ପାଇଁ ସର୍ବାଧିକ କୁଖ୍ୟାତ । ୨୦୦୪ ରେ ଭାରତ ମହାସାଗରରେ ଆସିଥିବା ବିନାଶକ ସୁନାମୀ, ଯାହା ହଜାର ହଜାର ପ୍ରାଣ ନେଇ ଯାଇଥିଲା । ୧୧ ମାର୍ଚ୍ଚ, ୨୦୧୧ ରେ ଜାପାନର ଫୁକୁଶିମା ଅଞ୍ଚଳରେ ଏପରି ଏକ ସୁନାମୀ ଦେଖା ଦେଇଥିଲା । ଏହା ଦ୍ୱାରା ଧନ ଜନର ପ୍ରଭୂତ କ୍ଷତି ହୋଇଥିଲା । ସେହିପରି ୧୦ ମାର୍ଚ୍ଚ, ୨୦୧୩ ରେ ଆମେରିକାର ଓକଲ ସହରରେ ଟର୍ନାଡୋ ତୋଫାନ ଉଠିଥିଲା । ଏହି ତୋଫାନ ଘଣ୍ଟାକୁ ୨୦୦ ମାଇଲ ଗତିରେ ୧୨ ମାଇଲ ଚଉଡ଼ା ଅଞ୍ଚଳରେ ଦଉଡି ଗଲା । ଏହା ଯଥେଷ୍ଟ କ୍ଷତି ତ କଲା, କିନ୍ତୁ ଲୋକମାନେ ସତର୍କ ହୋଇଥିବା ଯୋଗୁଁ ବିଶେଷ ପ୍ରଭାବ ପକାଇ ପାରିଲା ନାହିଁ । ଏହା ଦ୍ୱାରା ୨୪ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା ।

ଏହି କ୍ରମରେ ୮ ନଭେମ୍ବର, ୨୦୧୩ ରେ ଫିଲିପାଇନସରେ ଟାଇଫୁନର ଆଗମନ ହେଲା । ଏହି ତୋଫାନ ଏତେ ବିପଜ୍ଜନକ ଥିଲା ଯେ ଘଣ୍ଟାକୁ ୨୩୫ ମାଇଲ ଗତିରେ ପ୍ରବାହିତ ହେବାରେ ଲାଗିଲା । ଏହି ତୀବ୍ର ଗତି ଦ୍ୱାରା ସମୁଦ୍ରରେ ୧୩ ଫୁଟ ଉଚ୍ଚରେ ଲହଡି ଉଠିବାରେ ଲାଗିଲା । ଏହି ଟାଇଫୁନ ଫିଲିପାଇନସର ସମଗ୍ର ସମୁଦ୍ର ତଟକୁ ନଷ୍ଟ କରିଦେଲା ଏବଂ ଜଳ ବ୍ୟବସ୍ଥା, ରାସ୍ତାଘାଟ ଓ ସଞ୍ଚାର ପ୍ରକ୍ରିୟାକୁ ପୁରାପୁରି ଶେଷ କରି ଦେଇଥିଲା । ଏହି ବିନାଶକାରୀ ତୋଫାନରେ ୬୦୦୦ ଲୋକ କାଳ କବଳିତ ହୋଇଗଲେ ଏବଂ ୩୬ ଲକ୍ଷ ଲୋକ ଗୃହଶୂନ୍ୟ ହୋଇଗଲେ ।

ପବିତ୍ର ତୀର୍ଥ କେଦାରନାଥରେ ୨୦୧୩ ମସିହାରେ ହୋଇଥିବା ବିପର୍ଯ୍ୟୟକୁ କିଏ ଭଲା ଭୁଲି ପାରିବ ? କୁହାଯାଏ ଯେ ଭଗବାନ ଶିବଙ୍କର ରୌଦ୍ର ରୂପର ପ୍ରତୀକ ରୂପେ ହୋଇଥିବା ଏହି ବିପର୍ଯ୍ୟୟ ଦ୍ୱାରା ଦେବାତ୍ମା ହିମାଳୟରୁ ବାହାରିଥିବା ପ୍ରତ୍ୟେକ ନଦୀରେ ବନ୍ୟାର ପ୍ରକୋପ ଆସିବାରୁ ସେଠି ତୀର୍ଥକ୍ଷେତ୍ରରେ ଉପସ୍ଥିତ ହଜାର ହଜାର ଲୋକଙ୍କୁ କାଳ କବଳିତ ହେବାକୁ ପଡିଲା ।

ପ୍ରାକୃତିକ ବିପଦ ଦ୍ୱାରା ହେଉଥିବା କ୍ଷତିର ହିସାବ କରାଗଲେ ତାହା ବିଶ୍ୱାସ ହିଁ ହେବ ନାହିଁ । ଆମ ଦେଶରେ ସେପ୍ଟେମ୍ବର, ୨୦୧୪ ରେ ହୋଇଥିବା ବନ୍ୟା ଦ୍ୱାରା ୧୬୦୦ ଅର୍ବୁଦ ଡଲାରର କ୍ଷତି ହେଲା । ଅକ୍ଟୋବରରେ ହୋଇଥିବା ହୁଦହୁଦ ଦ୍ୱାରା ୭୦୦ ଅର୍ବୁଦ ଡଲାରର କ୍ଷତି ହେଲା । ଫେବୃୟାରୀରେ ଜାପାନର କୋବୋରେ ଉଠିଥିବା ଝଡ଼ ଯୋଗୁଁ ୫୯୦ ଅର୍ବୁଦ ଡଲାରର ସମ୍ପତ୍ତି ନଷ୍ଟ ହେଲା । ଚୀନ, ଫିଲିପାଇନସ୍ ତଥା ଭିଏତନାମରେ ଜୁଲାଇରେ ହୋଇଥିବା ଟାଇଫୁନ୍ ସେମନସ ୫୦୬ ଅର୍ବୁଦ ଡଲାରର ସମ୍ପତ୍ତି ନଷ୍ଟ କରିଦେଲା । ଏହି ଶୃଙ୍ଖଳାରେ ଆମେରିକାରେ ଦେଖା ଦେଇଥିବା ତୋଫାନ ଦ୍ୱାରା ୩୯୦ ଅର୍ବୁଦ ଡଲାରର କ୍ଷତି ହୋଇଥିବା ବେଳେ ଟାଇଫୁନ୍ କାଲମେଗୀ ଚୀନ, ଫିଲିପାଇନସ ତଥା ଭିଏତନାମରେ ୨୯୨ ଅର୍ବୁଦ ଡଲାରର ଧନହାନି କରି ଦେଇଥିଲା । ସେହିପରି ୨୦୧୪ ରେ ସମଗ୍ର ବିଶ୍ୱରେ ଦେଖା ଦେଇଥିବା ଏହି ପ୍ରାକୃତିକ ବିପତ୍ତି ଯୋଗୁଁ ଅର୍ବୁଦ ଅର୍ବୁଦ ଡଲାରର କ୍ଷତି ହେଲା । ସମଗ୍ର ବିଶ୍ୱରେ ବିକାଶ କାର୍ଯ୍ୟ କରିବା ପାଇଁ ଯେଉଁ ସମ୍ପଦର ଉପଯୋଗ କରାଯାଇ ପାରିଥାନ୍ତା, ତାହା ଯଦି ଏହିପରି ଭାବରେ ପ୍ରାକୃତିକ ବିପତ୍ତି ସହିତ ଲଢ଼ିବାରେ ନଷ୍ଟ ହେବ ତ ମାନବୀୟ ସଭ୍ୟତା ପାଇଁ ତାକୁ ଉଚିତ କୁହାଯାଇ ପାରିବ ନାହିଁ ।

ପ୍ରକୃତିକୁ ଏକ ପକ୍ଷରେ ମା' ରୂପରେ ବାତ୍ସଲ୍ୟମୟୀ କୁହାଯାଇ ପାରେ ତ ଅନ୍ୟ ପକ୍ଷରେ ମଣିଷ ଦ୍ୱାରା ତାହାର ଆଖିବୁଜା ଦୋହନ କରାଯିବା ଯୋଗୁଁ, ସେ ରୌଦ୍ର ରୂପ ଧାରଣ କରି ବିନାଶକାରୀ ତାଣ୍ଡବ କରିବାକୁ ବାଧ ହୋଇଯାଏ । ବର୍ତ୍ତମାନ ପ୍ରକୃତି ନିଜର ହିଁ ସନ୍ତାନମାନଙ୍କ ଦ୍ୱାରା ତଥାକଥିତ ବିକାଶ ନାମରେ ହେଉଥିବା କୁଠାରାଘାତ ଦ୍ୱାରା ଆହତ ଏବଂ ଏହି ଅବସ୍ଥା କେବଳ ମନୁଷ୍ୟ ନୁହେଁ, ବରଂ ସମଗ୍ର ପ୍ରାଣୀ ତଥା ବନସ୍ପତି ଜଗତ ପାଇଁ କୌଣସି ପ୍ରକାରରେ ଶୁଭ ନୁହେଁ । ପୁଣି ଏହା ମଧ ସତ୍ୟ ଯେ କ୍ରନ୍ଦନରତ ମା' ଚାହିଁଲେ ବି ନିଜର ସନ୍ତାନକୁ ଦୁଗ୍ଧପାନ ଏବଂ ନିଜ ପଣତର ଶୀତଳ ଛାୟା ଦେଇ ପାରିବ କିପରି ? ପ୍ରାଚୀନ ଋଷିମାନେ ପ୍ରକୃତିପୂଜା ମାଧମରେ ମନୁଷ୍ୟକୁ ବାସ୍ତବରେ ପ୍ରକୃତିର ଅନୁକୂଳ ଜୀବନ ଜିଇବା ପାଇଁ ଯେଉଁ ପ୍ରେରଣା ଦେଇଥିଲେ, ତାର ଉଦ୍ଦେଶ୍ୟ ଥିଲା ଏହି ସମରସତାକୁ ସଦା ପୋଷିତ କରି ଚାଲିବା ।

ଆମର ପ୍ରାଚୀନ ବାଙ୍ଗମୟ ପ୍ରକୃତି ସହିତ ସହକାରପୂର୍ଣ୍ଣ ଜୀବନଯାପନ କରିବାର ମହତ୍ତ୍ୱ ଉପରେ ଯଥେଷ୍ଟ ଆଲୋକପାତ କରିଛି । କିନ୍ତୁ ଭୌତିକତାର ଅନ୍ଧ ଦୌଡି ଏବଂ ଚାକଚକ୍ୟ ମଣିଷକୁ ପ୍ରକୃତିର ସନ୍ତାନ ନୁହେଁ, ବରଂ ପ୍ରକୃତି ପାଇଁ ସଇତାନର ଭୂମିକାରେ ନେଇ ଠିଆ କରାଇଛି । ସନ୍ଦେଶ ସ୍ପଷ୍ଟ ଯେ ମନୁଷ୍ୟ ବର୍ତ୍ତମାନ ମଧ ଯଦି ଚେତିଲା ନାହିଁ, ତେବେ ବିନାଶ ଅବଶ୍ୟମ୍ଭାବୀ ।

ତେଣୁ ଆମେ ଯଦି ପ୍ରକୃତିର କୋପରୁ ବଞ୍ଚିବା ଏବଂ ତା'ର ସ୍ନେହ ଶୀତଳ ଛାୟାରେ ଆମର ଜୀବନ ବଗିଚାକୁ ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ କରିବାକୁ ଚାହୁଁଛେ, ତେବେ ବର୍ତ୍ତମାନ ଗୋଟିଏ ମାତ୍ର ରାସ୍ତା ବାକି ଅଛି ତାହା ହେଲା ପ୍ରକୃତି ଆଡ଼କୁ ଫେରିଯିବା । ପ୍ରକୃତିର ପୂଜା ଅର୍ଥାତ୍ ପ୍ରକୃତିର ସମ୍ମାନ କରିବା । ପ୍ରକୃତିକୁ ଆମର ଅନୁକୂଳ ନୁହେଁ, ବରଂ ନିଜକୁ ପ୍ରକୃତିର ଅନୁକୂଳ କରିନେବା । ଏହା ହିଁ କେବଳ ଏକମାତ୍ର ମାର୍ଗ, ଯେଉଁ ବାଟେ ଯାଇ ପ୍ରକୃତି ସହିତ ସମଗ୍ର ଜଗତ ଧନ୍ୟ ହୋଇ ପାରିବ ।

# ଗୋମାତାର ସ୍ଥାନ

**ମହାତ୍ମା ଗାନ୍ଧୀ**



ଗାଈ ହେଉଛି ଦୟାର ଗୋଟିଏ କବିତା । ସେହି ଧୀର ପ୍ରାଣୀଟି ମଧ୍ୟରେ ଦୟାହିଁ ପାଠ କରିବାକୁ ମିଳିଥାଏ । ଭାରତବର୍ଷର କୋଟିକୋଟି ମନୁଷ୍ୟଙ୍କର ଗାଈ ହେଉଛି ମାଆ । ଗୋଜାତିର ରକ୍ଷଣ କହିଲେ ଭଗବାନଙ୍କର ଏହି ମୂକ ସୃଷ୍ଟିଟିର ରକ୍ଷଣକୁ ହିଁ ବୁଝାଉଛି । ପ୍ରାଚୀନ ଦ୍ରଷ୍ଟାମାନେ, ସେମାନେ ଯିଏ ହୋଇଥାନ୍ତୁ ପଛକେ, ସେହି ଗାଈଠାରୁ ହିଁ ଆରମ୍ଭ କରିଥିଲେ । ସୃଷ୍ଟିର ଏହି ନିମ୍ନତର ସ୍ତରଟିର ମୁଖରେ କୌଣସି ଭାଷା ନ ଥାଏ, ତେଣୁ ତାହାର ନିବେଦନଟି ଆହୁରି ଅଧିକ ପରିମାଣରେ ଶକ୍ତିଶାଳୀ ହୋଇଥାଏ ।

ମନୁଷ୍ୟର ନିମ୍ନରେ ଯେତେ ଯେତେ ପ୍ରାଣୀ ଅଛନ୍ତି, ଗାଈ ହେଉଛି ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପବିତ୍ର ହେଉଛି ସବା ଆଗ ଏବଂ ଗାଈ ହିଁ ସେହି ମୁନଷ୍ୟ ପାଖରେ ନ୍ୟାୟ ବିଚାର ପାଇବା ଲାଗି ଅବମାନବିକ ସମଗ୍ର ସୃଜନଟିର ତରଫରୁ ଯାବତୀୟ ନିବେଦନ ଜଣାଇଥାଏ । ଆପଣାର ଆଖି ଦେଇ ସେ ଆମକୁ କହୁଥିଲା ପରି ମନେହୁଏ, ଆମକୁ ହତ୍ୟା କରିବାକୁ, ଆମର ମାଂସ ଖାଇବାକୁ ବା ଅନ୍ୟ କୌଣସି ପ୍ରକାରରେ ଆମପ୍ରତି ନିର୍ଦ୍ଦୟ ଆଚରଣ କରିବାକୁ ଆମର ଉର୍ଦ୍ଧ୍ୱତର ଭାବରେ ତୁମକୁ ନିଯୁକ୍ତ କରା ଯାଇନାହିଁ । ଆମର ବନ୍ଧୁ ଓ ତତ୍ତ୍ୱାବଧାରକ ହୋଇ ରହିବାକୁ ହିଁ ତୁମକୁ ନିଯୁକ୍ତ କରାଯାଇଛି ।

ମୁଁ ଗାଈର ପୂଜା କରେ ଏବଂ ସମଗ୍ର ପୃଥିବୀ ପ୍ରତିବାଦ କରିବାକୁ ଆସିଲେ ମଧ ମୁଁ ସେହି ପୂଜା ହିଁ ପକ୍ଷ ସମର୍ଥନ କରିବି । ଯେଉଁ ମାଆ ଆମକୁ ଜନ୍ମ ଦେଇଛି, ଗାଈ ରୂପକ ଆମର ମାଆ ଏକାଧିକ କାରଣରୁ ତା' ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଅଧିକ ଭଲ । ଆମ ମାଆ ତ ଆମକୁ ଦୁଇ ବର୍ଷ ପାଇଁ ସ୍ତନ୍ୟପାନ କରାଏ ଏବଂ ଆମେ ବଡ଼ ହୋଇଗଲେ ଆମେ ତାହାର ସେବା କରିବୁ ବୋଲି ପ୍ରତ୍ୟାଶା କରୁଥାଏ । ଗୋମାତା ଆମ ଠାରୁ ଘାସ ଆଉ ଦାନା ବ୍ୟତୀତ ଅନ୍ୟ କିଛିହେଲେ ଆଶା କରେନାହିଁ । ଆମ ମାଆ ଅନେକ ସମୟରେ ରୋଗରେ ପଡିଯାଏ ଓ ଆମଠାରୁ ଶୁଶ୍ରୂଷା ଆବଶ୍ୟକ କରେ । ମାତ୍ର ଗୋମାତା କ୍ୱଚିତ୍ ଅସୁସ୍ଥ ହୁଏ ।

ଗୋମାତାର ଜୀବନରେ ଆମେ ସେବାର ଏପରି ଏକ ନିରନ୍ତର ଦୃଷ୍ଟାନ୍ତଟିଏ ପାଇବା, ଯାହାକି ତାହାର ମୃତ୍ୟୁରେ ମଧ ତଥାପି ଶେଷ ହୋଇ ଯାଏନାହିଁ । ଆମ ନିଜ ମାଆ ଯେତେବେଳେ ମରିଯାଏ, ସେତେବେଳେ ତା'ର ଦାହ ସଂସ୍କାରାଦି କରିବା ପାଇଁ ଅର୍ଥବ୍ୟୟ କରିବାକୁ ପଡେ । ମାତ୍ର ଗୋମାତା ଜୀବଦଶାରେ ଯେତିକି କାମରେ ଲାଗେ, ମରିଯିବା ପରେ ମଧ ସେତିକି କାମରେ ଲାଗିଥାଏ । ଆମେ ତା' ଶରୀରର ପ୍ରତ୍ୟେକ ଅଂଶକୁ ତା'ର ମାସ, ହାଡ଼, ଅନ୍ତ, ଶିଙ୍ଗ ଓ ଚମ ସବୁକିଛିକୁ କାମରେ ଲଗାଇପାରୁ । ଆମକୁ ଜନ୍ମ ଦେଇଥିବା ମାଆର ନିନ୍ଦା କରିବା ଅଭିପ୍ରାୟରେ ମୁଁ ଏସବୁ କଥା ଆଦୌ କହୁନାହିଁ । ମୁଁ ଗୋମାତାକୁ କାହିଁକି ପୂଜା କରୁଛି, ତାହା ପଛରେ ରହିଥିବା ଯଥାର୍ଥ କାରଣଗୁଡିକୁ ଦର୍ଶାଇଦେବା ପାଇଁ ହିଁ ତାହା କହୁଛି ।

# କୋଲେଷ୍ଟେରଲ୍ କମାଇବ ଆଭୋକାଡୋ

ଆଭୋକାଡୋର ଏକାଧିକ ସ୍ୱାସ୍ଥ୍ୟ ହିତକର ଗୁଣ ରହିଛି । ହୃତପିଣ୍ଡ ପାଇଁ ଏହାକୁ ବିଶେଷ ଲାଭକର ଫଳ ବୋଲି କୁହାଯାଏ । ଏକ ସଦ୍ୟ ଅଧ୍ୟୟନ ଏହି ତଥ୍ୟର ବଳିଷ୍ଠ ପ୍ରମାଣ ଦେଇଛି । ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ଆଭୋକାଡୋ ଖାଉଥିବା ବ୍ୟକ୍ତିଙ୍କ ଏଲଡିଏଲ୍ ସ୍ତର କମିଥିଲା । ଅର୍ଥାତ୍ କୋଲେଷ୍ଟେରଲ ମାତ୍ରା ହ୍ରାସ ପାଇଥିଲା । ଏଥିସହ ଅତିରିକ୍ତ ଓଜନ ଓ ମେଦବହୁଳତା ସ୍ତର ମଧ କମିଥିଲା । ଅଧ୍ୟୟନରେ ସାମିଲ ପ୍ରତିଯୋଗୀ ସେମାନଙ୍କ ଖାଦ୍ୟ ତାଲିକାରେ ଦିନକୁ ଗୋଟିଏ ଲେଖାଏଁ ଆଭାକାଡୋ ସାମିଲ କରିବା ଦ୍ୱାରା ପୂର୍ବାପେକ୍ଷା ସେମାନଙ୍କ ଠାରେ ଅଳ୍ପ କ୍ଷୁଦ୍ର, ଘନ ଏଲଡିଏଲ କଣିକା ହ୍ରାସ ପାଇବାର ଗବେଷକମାନେ ଲକ୍ଷ୍ୟ କରିଥିଲେ । ନ୍ୟୁଟ୍ରିସନ ପ୍ରଫେସର ପେନି କ୍ରିସ୍ ଇଥରଟନ୍ ଏହି ତଥ୍ୟ ଦେଇଛନ୍ତି । କ୍ଷୁଦ୍ର ଓ ଘନ ଏଲଡିଏଲ୍ କଣିକାଗୁଡିକ ବିଶେଷ କ୍ଷତିକାରକ, ଯାହା ଧମନୀରେ ଚର୍ବି ଜମା କରିଥାଏ । ଆଭୋକାଡୋ ବାସ୍ତବରେ ସୁସ୍ଥ ଚର୍ବି ସୃଷ୍ଟିକରେ । ଏଥିରେ କାରୋଟେନଏଡସ ରହିଛି ଯାହା ଆଖିର ସ୍ୱାସ୍ଥ୍ୟ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ପୋଷକ ତତ୍ତ୍ୱରେ ମଧ ଏହା ଭରପୂର ।



# ରାତ୍ର ଭୋଜନ କିଛି କଥା

ରାତ୍ରଭୋଜନ ଖାଦ୍ୟ ତାଲିକାରେ ସବୁବେଳେ ହାଲୁକା ଖାସ୍ୟ ସାମିଲ କରନ୍ତୁ । ଏହି ଖାଦ୍ୟ ସୁପାଚ୍ୟଯୋଗ୍ୟ ହୋଇଥିବା ଦରକାର । ରାତିରେ ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ । ରାତ୍ରଭୋଜନ ବିଷୟରେ ଗୋଟିଏ କଥାକୁ ଗୁରୁତ୍ୱ ଦିଅନ୍ତୁ । ଶୋଇବା ଅତିକମରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କଲେ ଭଲ । ରାତ୍ରିରେ ଖାଇବା ସମୟରେ ଅଧ ଘଣ୍ଟାଏ ପୂର୍ବରୁ ଅଳ୍ପ ଉଷୁମ ପାଣି ପିଅନ୍ତୁ । ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଯାଇଥାଏ । ରାତ୍ରଭୋଜନ କରିବା ପରେ ଆବଶ୍ୟକତାଠାରୁ ଅଧିକ ପାଣି ପିଅନ୍ତୁ ନାହିଁ । ଅଧିକ ପାଣି ପିଇଲେ ତାହା ଖାଦ୍ୟ ହଜମ କରାଇବାରେ ବାଧା ସୃଷ୍ଟି କରିଥାଏ । କେତେକ ବ୍ୟକ୍ତି ରାତ୍ରଭୋଜନ ଶେଷ କରିବା ପରେ ପରେ ଶୋଇବାକୁ ଯାଇଥାଆନ୍ତି । ଏପରି ଅଭ୍ୟାସର ପରିବର୍ତ୍ତନ କରନ୍ତୁ । ରାତିରେ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ । ରାତ୍ର ଭୋଜନର ଅଧଘଣ୍ଟାଏ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ ।

# ସ୍ତନ୍ୟପାନର ଉପକାରିତା

ସ୍ତନ୍ୟପାନ କରାଇବା ଦ୍ୱାରା ମା' ଦେହରୁ ଅଯଥା ଚର୍ବିଅଂଶ ହ୍ରାସ ହୁଏ । ଫଳରେ ପ୍ରସବ ପରବର୍ତ୍ତୀ ମୋଟାପଣ ଦୂର ହୋଇଥାଏ ।

କ୍ଷୀର ଖୁଆଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହରମୋନର କ୍ଷରଣ ହେବାଦ୍ୱାରା ଜରାୟୁ ସଂକୁଚିତ ହୋଇଥାଏ । ଏହାର ଆକାର କମିଯାଇଥାଏ ଏବଂ ପ୍ରସବ ପରେ ରକ୍ତ କ୍ଷରଣ ମଧ କମ୍ ହୋଇଥାଏ । ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରି ଆସିଥାଏ, ଫଳରେ ପେଟ ବାହାରିବା କମିଯାଏ ।



ସ୍ତନ୍ୟପାନ ମଧ ମା'କୁ ସ୍ତନକର୍କଟ, ଡିମ୍ବକୋଷର କର୍କଟ ରୋଗ, ଜରାୟୁଗ୍ରୀବା କର୍କଟ ରୋଗ, ରିଉମାଟଏଡ୍ ଆର୍ଥ୍ରାଇଟିସ୍ ହାଡ଼ ପୋରିଆରୋଗ ଆଦି । ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସରାଇଡ କମ୍ ପରିମାଣରେ ଥାଏ, ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦଘାତ ହେବା ଆଶଙ୍କା ମଧ କମ୍ ଥାଏ ।

# ଦୃଷ୍ଟିଶକ୍ତିକୁ ପ୍ରଖର କରେ ଅଲିଭ ତେଲ

ଦୃଷ୍ଟିଶକ୍ତିଜନିତ କୌଣସି ସମସ୍ୟାର ଲକ୍ଷଣ ବିଷୟରେ ଜାଣି ପାରିଲେ ତାହାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ । କାରଣ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ । ଏପରି କି ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ମଧ ରହିଛି । ତେଣୁ ଏହାର କାରଣ ବିଷୟରେ ଅବଗତ ହେବା ମାତ୍ରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ । ତେବେ ଦୃଷ୍ଟିଶକ୍ତିକୁ ପ୍ରଖର କରିବା ପଛରେ ଅଲିଭ ତେଲର ଭୂମିକା ରହିଛି । ଏପରି ରୋଚକ ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ । 'ଦୃଷ୍ଟିଶକ୍ତି ଓ ଅଲିଭ ତେଲ' ଶୀର୍ଷକ ବିଷୟ ଉପରେ ଗବେଷଣା କରି ସେମାନେ ଏ ବିଷୟରେ ଜାଣି ପାରିଛନ୍ତି । ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ଭିଟାମିନ୍ 'ଏ' ସାହାଯ୍ୟ କରିଥାଏ । ଅନ୍ୟପକ୍ଷରେ ଅଲିଭ ତେଲ ହେଉଛି ଭିଟାମିନ୍ 'ଏ'ର ଅନ୍ୟତମ ଉତ୍ସ । ତେବେ ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଲିଭ ତେଲରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ ବୋଲି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ବର୍ଷାରେ ଶରୀର ପାଇଁ ଭଲ ହରିଡ଼ା

ଆୟୁର୍ବେଦରେ ହରିଡ଼ାର ମହତ୍ତ୍ୱ ଅଧିକ ରହିଛି । ଏହା ନା କେବଳ ସ୍ୱାସ୍ଥ୍ୟ ସମସ୍ୟାକୁ ଦୁରେଇଥାଏ, ବରଂ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ସହାୟକ ହୁଏ । ଛୋଟିଆ ହରିଡ଼ାଟିଏରୁ ବିରାଟ ଲାଭ ମିଳିଥାଏ । ବର୍ଷାଦିନେ ତ୍ୱଚା ସମ୍ବନ୍ଧୀୟ ଅନେକ ପ୍ରକାର ସଂକ୍ରମଣ ବା ଆଲର୍ଜି ସମସ୍ୟା ଦେଖାଦିଏ । ହରିଡ଼ା ଫଳକୁ ପାଣିରେ ଫୁଟାଇ ଏଥିରେ ଚା' ପ୍ରସ୍ତୁତ କରନ୍ତୁ । ଏହି ଚା'କୁ ଦିନକୁ ଅତିକମରେ ଦୁଇଥର ସେବନ କଲେ ଆଲର୍ଜି ସମସ୍ୟାରୁ ରକ୍ଷା ମିଳିଥାଏ । କେବଳ ସେତିକି ନୁହେଁ, ଏ ଦିନେ ଫଙ୍ଗଲ୍ କନଫେକସନ୍ ସମସ୍ୟା ସାଧାରଣ । ଏହି ସଂକ୍ରମଣରୁ ମଧ ହରିଡ଼ା ଶୀଘ୍ର ଲାଭ ଦେଇଥାଏ । ବଟା ହରିଡ଼ାରେ ହଳଦୀ ମିଶାଇ ପ୍ରଭାବିତ ସ୍ଥାନରେ ଲେପ ଦେଲେ ଅଳ୍ପଦିନରେ ଏଥିରୁ ଉପଶମ ମିଳିଥାଏ । ଏବେ ବିଭିନ୍ନ କାରଣରୁ ବାନ୍ତି ହେବା ଏକ ସାଧାରଣ କଥା ହେଲାଣି । ଏଥିରୁ ମଧ ହରିଡ଼ା ସେବନ ଦ୍ୱାରା ତୁରନ୍ତ ଲାଭ ମିଳିଥାଏ । ହରିଡ଼ାକୁ ପାଣିରେ ଫୁଟାଇ ସେଥିରେ ମହୁ ମିଶାଇ ପିଇଲେ ବାନ୍ତି ବନ୍ଦ ହେବା ସହ ଆରାମ ମିଳିଥାଏ । ସେହିପରି ହରିଡ଼ାରେ ଗାଲିକ୍ ଏସିଡ୍ ନାମକ ତତ୍ତ୍ୱ ମହଜୁଦ୍ ଥାଏ, ଯାହା କୋଲେଷ୍ଟରୋଲ ସ୍ତରକୁ କମ୍ କରିବା ସହ ରକ୍ତରେ ପ୍ଲାଜମା ଇନସୁଲିନ୍ ବଢ଼ାଏ । ଏଥିସହ କୋଷ୍ଠ କାଠିନ୍ୟ ସମସ୍ୟାରୁ ମଧ ରକ୍ଷାମିଳେ ।



# ବାତରକ୍ତରୁ ମୁକ୍ତି ଦେବ ଅମୃତ ଭଣ୍ଡା ଚା'

ବାତରକ୍ତର ଏକ ଗମ୍ଭୀର ସମସ୍ୟା । ଯେଉଁ କାରଣରୁ ପୀଡିତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଜଏଣ୍ଟ ପେନର ସମ୍ମୁଖୀନ ହେବାକୁ ପଡେ । ଆଜିକାଲି ଅନେକ ଲୋକଙ୍କ ଠାରେ ଏହି ଗମ୍ଭୀର ସମସ୍ୟା ଦେଖିବାକୁ ମିଳୁଛି । ଏହାର ମୁଖ୍ୟ କାରଣ ଶରୀରରେ ୟୁରିକ ଏସିଡର ମାତ୍ରାଧିକ ବୃଦ୍ଧି । ଅଚାନକ ମେଦବୃଦ୍ଧି କିମ୍ବା ଓଜନ ବୃଦ୍ଧି ଦ୍ୱାରା ମଧ ୟୁରିକ ଏସିଡ୍ ସ୍ତର ବୃଦ୍ଧି ପାଇଥାଏ । କିନ୍ତୁ ଏକ ବିଶେଷ ଉପଚାର ମାଧମରେ ଏହି ରୋଗଠାରୁ ସବୁଦିନ ପାଇଁ ରକ୍ଷା ପାଇହେବ । କଞ୍ଚା ଅମୃତଭଣ୍ଡା ଚା' । ଏହା ରକ୍ତବାତ ରୋଗ ଭଲ କରିବାରେ ସହାୟକ ହୋଇଥାଏ । ନିୟମିତ ଭାବେ ଦିନକୁ ଥରେ ଲେଖାଏ ଏହି ଚା' ସେବନ କଲେ ରକ୍ତବାତ ସମସ୍ୟାରୁ ଉପଶମ ମିଳେ । ଏହାଛଡ଼ା ହାଡ଼ ମଧ ମଜଭୁତ ରହେ । ଅମୃତ ଭଣ୍ଡା ଚା' ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା । କିନ୍ତୁ ଚିକିତ୍ସା ବିଜ୍ଞାନ ଜଗତରେ ଏହି ଚା'ର ବିଶେଷ ମହତ୍ତ୍ୱ ରହିଛି । ଗଣ୍ଠିବାତ ଯନ୍ତ୍ରଣା ବ୍ୟତୀତ ଏହି ଚା' ଆହୁରି ଅନେକ ରୋଗର ନିଦାନରେ ସାହାଯ୍ୟ କରିଥାଏ । ଅମୃତ ଭଣ୍ଡା ଶରୀରରେ ୟୁରିକ୍ ଏସିଡ୍ ମାତ୍ରାକୁ ହ୍ରାସ କରିଥାଏ । ଏହି ଚା' ପ୍ରସ୍ତୁତି ପାଇଁ ପ୍ରଥମେ ଅମୃତଭଣ୍ଡାକୁ ଛୋଟ ଛୋଟ ଟୁକୁଡ଼ା କରି ପାଣିରେ ଧୋଇବାକୁ ପଡେ । ପରେ ଏକ ପାତ୍ରରେ ୨ କପ୍ ପାଣି ଦେଇ ଏହି ଟୁକୁଡ଼ାକୁ କିଛି ସମୟ ଆଞ୍ଚରେ ବସାଯାଏ । ପରେ ପାଣିକୁ ଛାଣି ସେଥିରେ ଗ୍ରୀନ୍ ଟି' ବ୍ୟାଗ୍ ପକାଇ ଗରମ ଗରମ ପିଅନ୍ତୁ । ଏହି ଚା' ପିଇବା ଦ୍ୱାରା ରକ୍ତବାତ ରୋଗ ତ ଭଲ ହୁଏ । ତା' ସାଙ୍ଗକୁ ପୁରୁଣା ଯନ୍ତ୍ରଣାରୁ ମଧ ଉପଶମ ମିଳିଥାଏ ।



# ପୋଷକ ତତ୍ତ୍ୱର ଗନ୍ତାଘର ତେନ୍ତୁଳି

ଦକ୍ଷିଣ ଭାରତର ପ୍ରାୟତଃ ପ୍ରତ୍ୟେକ ବ୍ୟଞ୍ଜନରେ ତେନ୍ତୁଳିର ବ୍ୟବହାର ହୋଇଥାଏ । ବିବାହ, ବ୍ରତରେ ସେଠାରେ ତେନ୍ତୁଳିର ଉପଯୋଗ ଭାତରେ ମଧ କରାଯାଉଥିବାର ପ୍ରକାଶ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପୋଷକତତ୍ତ୍ୱ ଭରପୁର ତେନ୍ତୁଳି ଶରୀର ପାଇଁ ଖୁବ୍ ହିତକାରୀ । ତେନ୍ତୁଳିରେ ମହଜୁଦ୍ ଫାଇବର ଶରୀରର ପାଚନକ୍ରିୟାକୁ ଉତ୍ତମ କରିବା ସହ ହଜମ ଭଲ ଭାବେ କରେ । ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ ଓ କୋଲେଷ୍ଟରଲକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରେ । ଏହା ସହ ହୃଦଯନ୍ତ୍ରକୁ ମଧ ସୁସ୍ଥ ରଖେ ।



# ହର୍ମୋନ ତିଆରି କରେ ଲିଚୁ

ଲିଚୁ ସ୍ୱାଦିଷ୍ଟ ସାଙ୍ଗକୁ ସୁସ୍ଥ ସ୍ୱାସ୍ଥ୍ୟର ବାହକ ମଧ । ଏହାର ସେବନ ଦ୍ୱାରା ଶରୀରରେ ଶକ୍ତି ପାଇଁ ଆବଶ୍ୟକ ଷ୍ଟେରଏଡ୍ ହର୍ମୋନ୍ ଏବଂ ହିମୋଗ୍ଲୋବିନ୍‌ର ନିର୍ମାଣ ହୋଇଥାଏ । ଲିଚୁରେ ଭିଟାମିନ୍ ସି, କ୍ୟାଲୋରୀ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ, କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏ, ବି କମ୍ପ୍ଲେକ୍ସ, ପଟାସିୟମ୍, ଫସଫରସ ଭଳି ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ । ଏଥିରେ ସାଚୁରେଟେଡ୍ ଫ୍ୟାଟ୍ ଏବଂ ସୋଡିୟମର ମାତ୍ରା ଖୁବ୍ କମ୍ ଥାଏ । ଭିଟାମିନ୍ ସି ପ୍ରଚୁର ମାତ୍ରାରେ ଥିବା କାରଣରୁ ଏହା ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟର ସ୍ରୋତ ଭଳି କାମ କରେ । ଏହାସହ ଲିଚୁ ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ ଏବଂ ସଂକ୍ରମଣ ଆଶଙ୍କା ହ୍ରାସପାଏ । କେବଳ ସେତିକି ନୁହେଁ ବୟସର ପ୍ରଭାବ ବି ଚେହେରାରେ ଆସିବାକୁ ଦିଏ ନାହିଁ । ଦୈନନ୍ଦିନ ୪ ଟି ଲିଚୁ ସେବନ କରିବା ଉଚିତ୍ । ତେବେ ମଧୁମେହ ରୋଗୀ ଏହାର କମ୍ ମାତ୍ରା ସେବନ କରିବା ଉଚିତ୍ । କାରଣ ଏଥିରେ ସୁଗାର୍ ସ୍ତର ଅଧିକ ଥାଏ ।



# ସ୍ୱାସ୍ଥ୍ୟପାଇଁ ହାନିକାରକ ମଲ୍‌ଟିଭିଟାମିନ୍

ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନ ଏବଂ କାର୍ଯ୍ୟବ୍ୟସ୍ତତା ମଧରେ ଖାଦ୍ୟପେୟରେ ଅଧିକାଂଶ ସମୟରେ ପୋଷକ ତତ୍ତ୍ୱର ଅଭାବ ରହିଯାଏ । ତେଣୁ ବିଶେଷଜ୍ଞମାନେ ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ନେବାକୁ ପରାମର୍ଶ ଦେଇଥାନ୍ତି । ଆମେରିକାର ୟୁନିଭର୍ସିଟି ଅଫ୍ ଆଲବାମାରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି, ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ଗ୍ରହଣ କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ । ଗବେଷଣା ପାଇଁ ୧୨ ବର୍ଷ ପର୍ଯ୍ୟନ୍ତ ୨ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ବୈଜ୍ଞାନିକଙ୍କ ଅନୁସାରେ, ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ସେବନ ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ଅଧିକ ଦେଖାଯାଇଥାଏ । କାରଣ ଏହି ସପ୍ଲିମେଣ୍ଟ ଗ୍ରହଣ କରୁଥିବା ଲୋକେ ହୃଦୟ ସୁସ୍ଥ ରଖିବା ନିମନ୍ତେ ଉଠାଇବାକୁ ଥିବା ଅନ୍ୟ କୌଣସି ପଦକ୍ଷେପ ଆଡ଼କୁ ଧାନ ଦେଇ ନଥାନ୍ତି । ମଲଟିଭିଟାମିନ୍ ସେବନ ଦ୍ୱାରା ସେମାନେ ହୃତପିଣ୍ଡର ସୁସ୍ଥତା ପ୍ରତି ନିଶ୍ଚିତ ହୋଇଯାନ୍ତି । ବ୍ୟାୟାମ, ଖାଦ୍ୟପେୟ କିମ୍ବା ଜୀବନଶୈଳୀର ପରିବର୍ତ୍ତନ ଉପରେ କୌଣସି ପଦକ୍ଷେପ ଉଠାନ୍ତି ନାହିଁ । ଏହାଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ । ଏହି ଗବେଷଣା ସମ୍ପର୍କରେ ଆମେରିକାନ୍ ହାର୍ଟ ଏସୋସିଏସନ୍ ପତ୍ରିକାରେ ପ୍ରକାଶ ପାଇଛି ।

# କ୍ୟାନ୍ସରରୁ ରକ୍ଷା କରିବ ଆମ୍ବ

ଆମ୍ବ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟବର୍ଦ୍ଧକ ଫାଇଦା ମିଳିଥାଏ । ଏଥିରେ ପଟାସିୟମ, ମ୍ୟାଗ୍ନେସିୟମ, କପର ଭଳି ଖଣିଜ ଏବଂ ଲବଣ ମଧ ପ୍ରଚୁର ମାତ୍ରାରେ ରହିଥାଏ । ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି, ଆମ୍ବ କ୍ୟାନସର ଭଳି ମାରାତ୍ମକ ରୋଗରୁ ମଧ ରକ୍ଷା କରିଥାଏ । ଆମ୍ବରେ ଏକ ପ୍ରକାର ଫାଇବର୍ ପେକ୍ଟିନ୍ ରହିଥାଏ । ଏହି ପେକ୍ଟିନ୍ ରକ୍ତରେ କୋଲେଷ୍ଟରୋଲ୍ ସ୍ତରକୁ ହ୍ରାସ କରିପାରେ ପ୍ରଭାବୀ ରୂପରେ କାମ କରିଥାଏ । ଏହାଦ୍ୱାରା ଗ୍ରନ୍ଥିରେ ସୃଷ୍ଟି ହେଉଥିବା କ୍ୟାନସରରୁ ସହଜରେ ରକ୍ଷା ମିଳିଥାଏ । କେବଳ ସେତିକି ନୁହେଁ, ଆମ୍ବ ଓଜନ ହ୍ରାସ କରିବାରେ ମଧ ବେଶ୍ ଫାଇଦା ପ୍ରଦାନ କରିଥାଏ । ତା' ସହ ପାଚନ ପ୍ରକ୍ରିୟାରେ ସହାୟକ ଆମ୍ବ ସେବନ ଦ୍ୱାରା ଏସିଡିଟି ଏବଂ ବଦହଜମୀରୁ ମଧ ରକ୍ଷା ମିଳିଥାଏ ।



# ରାମକଥା

ସୀତାରାମ ପୁଷ୍ପକ ବିମାନରେ ଆକାଶ ମାର୍ଗରେ ଯାଉଥିବାବେଳେ ଶ୍ରୀରାମ ସୀତାଙ୍କୁ ତଳକୁ ଆଙ୍ଗୁଳି ଦେଖାଇ କହିଲେ, ଏହିଠାରେ ମୁଁ ରାବଣକୁ ମାରିଥିଲି, ଏଠାରେ କୁମ୍ଭକର୍ଣ୍ଣ ବଧ ହୋଇଥିଲା, ଏବେ ସେତୁବନ୍ଧ ଦେଖ । ସେଠାରେ ଦେଖ ଶ୍ରୀରାମେଶ୍ୱର ଶିବଙ୍କୁ ।

ସୀତା କହିଲେ, ମୁଁ ରାମେଶ୍ୱରଙ୍କର ପୂଜା କରିବି ।

ଶ୍ରୀରାମ କହିଲେ, ଏବେ ନୁହେଁ । ଆମେ ଅଯୋଧ୍ୟାରେ ପହଞ୍ଚିବା ପରେ ପୁଣିଥରେ ତୀର୍ଥଯାତ୍ରାରେ ଆସିବା । ଏବେ ଡେରି ହୋଇଯିବ । ଭରତ ପରା ଅପେକ୍ଷା କରିଛି ।

ସୀତା ଆକାଶମାର୍ଗରେ ରାମେଶ୍ୱର ଶିବଙ୍କୁ ଦର୍ଶନ କଲେ । ଏହାପରେ ସୁଗ୍ରୀବଙ୍କ ରାଜଧାନୀ କିଷ୍କିନ୍ଧ୍ୟା ପଡିଲା । କିଷ୍କିନ୍ଧ୍ୟାରେ ବିମାନ ରହିଲା । ସେଠାରେ ସୀତାରାମଙ୍କ ଦର୍ଶନ କରିବା ପାଇଁ ଅନେକ ବାନର ଦମ୍ପତ୍ତି ଆସିଲେ । ବିମାନ ଅଯୋଧ୍ୟା ଅଭିମୁଖରେ ଚାଲିଲା । ଶ୍ରୀରାମ ସୀତାଙ୍କୁ ତଳକୁ ଦେଖାଇ କହିଲେ, ମୁଁ ଏହିଠାରେ ବାଳିକୁ ବଧ କରିଥିଲି । ଏହି ପର୍ବତ ଶିଖର ସ୍ଥାନରେ ସୁଗ୍ରୀବଙ୍କ ସହିତ ମିତ୍ର ବସିଥିଲି ।

ବାଟରେ ପଞ୍ଚବଟୀ ପଡିଲା । ଅଗସ୍ତ୍ୟ ସୁତୀକ୍ଷଣ ଆଦି ଋଷିଙ୍କର ଆଶ୍ରମ ଦେଖାଇଲେ । ସୀତାଙ୍କୁ ମନେପକାଇ ଦେଲେ 'ତୁମର ମନେ ଅଛି ? ଆମେ ଏହିଠାରୁ ଯାଇଥିଲେ । ସେତେବେଳେ ସୀତାଙ୍କର ମନେ ପଡିଗଲା । ଶ୍ରୀରାମ କହିଲେ ଦେଖ ସୀତେ ! ଏହିଠାରୁ ଚିତ୍ରକୁଟ ଦେଖାଯାଉଛି । ଏହିଠାରେ ଭରତଙ୍କ ସହିତ ମିଳନ ହୋଇଥିଲା । ଏବେ ଭରଦ୍ୱାଜ ମୁନିଙ୍କର ଆଶ୍ରମ ଦେଖ । ଏହାପରେ ପ୍ରୟାଗରାଜରେ ପୁଷ୍ପକ ବିମାନ ତଳକୁ ଓହ୍ଲାଇଲା । ଶ୍ରୀରାମ କହିଲେ, ଆଜି ରାତିକ ଏହିଠାରେ ରହିବା । ଚଉଦବର୍ଷ ପୂରଣ ହେବାକୁ ଆଉ ଦିନେ ବାକି ଅଛି । ଅବଧି ପୂରଣ ହେଲେ ଅଯୋଧ୍ୟାରେ ପ୍ରବେଶ କରିବା ।

ଶ୍ରୀରାମ ହନୁମାନଙ୍କୁ ପାଖକୁ ଡାକି କହିଲେ, ତୁମେ ଅତିଶୀଘ୍ର ଅଯୋଧ୍ୟାକୁ ଯାଅ । ଆମେ ସକାଳେ ପହଞ୍ଚିବୁ ବୋଲି ଭରତଙ୍କୁ ଖବର ଦେଇଦିଅ । ହନୁମାନ ଖବର ଦେବାକୁ ଚାଲିଗଲେ ।

ଶ୍ରୀରାମ ପ୍ରତ୍ୟାବର୍ତ୍ତନ କରୁଥିବା ଦେଖି ମହର୍ଷି ଭରଦ୍ୱାଜ ଅତି ପ୍ରସନ୍ନ ହେଲେ । ପ୍ରୟାଗରାଜରେ ଭରଦ୍ୱାଜ ମହର୍ଷିଙ୍କ ଆଶ୍ରମ । ମହର୍ଷି ସମସ୍ତଙ୍କୁ ସ୍ୱାଗତ କଲେ । ଶ୍ରୀରାମ ଗୁରୁଦେବଙ୍କୁ ପଚାରିଲେ- 'ମୋ ଭରତ ସୁଖରେ ଅଛି ତ ? ଅନେକ ବର୍ଷ ହେଲାଣି ମୁଁ ମୋ ଭରତର କଥା ଶୁଣି ନାହିଁ ।

ମହର୍ଷି ଭରଦ୍ୱାଜ କୁଶଳ ସମାଚାର ନିବେଦନ କଲେ । ଶ୍ରୀରାମ ସେହି ଆଶ୍ରମରେ ରାତ୍ରି ଅତିବାହିତ କଲେ ।

ପରଦିନ ବିମାନରେ ବସି ଯାଉଥିବା ସମୟରେ ସୀତା ଗଙ୍ଗାଙ୍କୁ ପୂଜା କଲେ । ବନବାସକୁ ଯେଉଁଦିନ ବାହାରିଥିଲେ, ସେତେବେଳେ ଗଙ୍ଗାଙ୍କୁ ପ୍ରାର୍ଥନା ନିବେଦନ କରି କହିଥିଲେ ହେ ଗଙ୍ଗାମାତା' ଲକ୍ଷ୍ମଣଙ୍କ ସହିତ ଚଉଦବର୍ଷ ବନବାସ ସୁଚାରୁ ରୂପେ ଅତିବାହିତ କରି ଫେରିବା ଦିନ ମୁଁ ଆପଣଙ୍କୁ ପୂଜା ଦେବି । ସେତେବେଳେ ଗଙ୍ଗାମାତା ଆଶୀର୍ବାଦ ଦେଇ କହିଥିଲେ ଆପଣ ମୋ ମହିମା ବତାଇବା ପାଇଁ ଏପରି ଲୀଳା କରୁଛନ୍ତି ।

ଏହି ସମୟରେ ଶବର ରାଜ ଗୁହକ ଆସି ସାଷ୍ଟାଙ୍ଗ ପ୍ରଣାମ କଲା । ଶ୍ରୀରାମ ତାଙ୍କୁ ତଳୁ ଉଠାଇ ଗାଢ଼ ଆଲିଙ୍ଗନ କଲେ । ପରମାନନ୍ଦ ହେଲା । ବିମାନରେ ବସି ସମସ୍ତେ ଅଯୋଧ୍ୟା ଅଭିମୁଖେ ଚାଲିଲେ ।

ଅଯୋଧ୍ୟା ନିକଟରେ ନନ୍ଦୀଗ୍ରାମ ।



ଭରତ ନନ୍ଦୀଗ୍ରାମରେ ରହୁଥିଲେ । ହନୁମାନ ସେଠାରେ ପହଞ୍ଚିଲେ । ଭରତ ଅତି ଦୁର୍ବଳ ହୋଇ ଯାଇଥିଲେ । ଚଉଦ ବର୍ଷ ପର୍ଯ୍ୟନ୍ତ ସେ ଅନ୍ନ ଗ୍ରହଣ କରି ନ ଥିଲେ । ଶ୍ରୀରାମଙ୍କ ଭଳି ପରିଧାନ ଥିଲା । ସେ ବଳକଳ ବସ୍ତ୍ର ପରିଧାନ କରୁଥିଲେ । ମସ୍ତକରେ ଜଟାମୁକୁଟ ଥିଲା । ସିଂହାସନରେ ଶ୍ରୀରାମଙ୍କର ପାଦୁକା ଯୁଗଳ ଥିଲା । ସୀତାରାମ ସୀତାରାମ କୀର୍ତ୍ତନ କରି କରି ଭରତ ତନ୍ମୟ ରହିଥିଲେ ।

ଭରତ ଶ୍ରୀରାମଙ୍କୁ ସ୍ମରଣ କରୁଥିଲେ । ସେ ସବୁବେଳେ ଭାବୁଥିଲେ, ପ୍ରଭୁ ମୋତେ ତାଙ୍କ ସେବାରେ ରଖିଲେ ନାହିଁ । ମୁଁ ଅଭାଗା । ମୋ ଲକ୍ଷ୍ମଣ ଭାଗ୍ୟବାନ । ଏବେ ତ ବନବାସ କାଳ ସରିଆସିଲାଣି । ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସମାଚାର କାହିଁକି ପହଞ୍ଚି ନାହିଁ । ଏହିପରି ଭାବୁଥିବା ସମୟରେ ଭରତ ଅନେକ ପ୍ରକାରର ଶୁଭ ଶକୁନ ଦେଖିବାକୁ ପାଇଲେ ।

ହନୁମାନ ବଟୁ ବେଶରେ ଭରତଙ୍କ ପାଖରେ ପହଞ୍ଚିଲେ । ଭରତଙ୍କୁ ଦର୍ଶନ କରିବା ମାତ୍ରେ ହନୁମାନଙ୍କ ଆଖି ଜକେଇ ଆସିଲା । ଭରତ ହେଉଛି ରାମ ପ୍ରେମର ମୂର୍ତ୍ତି । ବିୟୋଗାବସ୍ଥାରେ ପ୍ରଭୁଙ୍କୁ କିପରି ରାତିରେ ସେବା ସ୍ମରଣ କରାଯାଏ ଏହାର ଆଦର୍ଶ ଭରତ ସଂସାରକୁ ଶିକ୍ଷା ଦେଇଛନ୍ତି । ହନୁମାନ ଭରତଙ୍କୁ ପ୍ରଣାମ କଲେ ।

ଭରତ କହିଲେ, ଆପଣ କିଏ ? ହନୁମାନ କହିଲେ, ଯେଉଁ ଶ୍ରୀରାମଙ୍କୁ ଆପଣ ସବୁବେଳେ ଧ୍ୟାନ କରୁଛନ୍ତି ମୁଁ ତାଙ୍କର ଦୂତ । ଆପଣଙ୍କୁ ପ୍ରଣାମ କରୁଛି ।

ହନୁମାନ ସଂକ୍ଷେପରେ ସବୁକଥା କହିଲେ । ପ୍ରଭୁ ରାବଣଙ୍କୁ ମାରିଲେ । ରାକ୍ଷସଙ୍କୁ ସଂହାର କରି ଆମ ପ୍ରଭୁ ଲକ୍ଷ୍ମଣ ଓ ଜାନକୀ ମାତାଙ୍କ ସହିତ ଅତିଶୀଘ୍ର ଏଠାରେ ପହଞ୍ଚିବେ । ଆସନ୍ତାକାଲି ସକାଳେ ଏଠାରେ ପହଞ୍ଚିଯିବେ ।

ଭରତ ହନୁମାନଙ୍କୁ ଆଲିଙ୍ଗନ କଲେ । ଭରତ ଆନନ୍ଦରେ ବିହ୍ୱଳ ହୋଇଗଲେ । ସଙ୍ଗେ ସଙ୍ଗେ କୌଶଲ୍ୟା ମାତାଙ୍କୁ ଖବର ଦିଆଗଲା । କୌଶଲ୍ୟାମାତା ଅଗଣାରେ ବସିଥିଲେ । କୁଆଟିଏ ଆସି କା କା ରାବ ଦେଲା । ମୋ ରାମ ଆସୁଛି ବୋଲି କୌଶଲ୍ୟାଙ୍କର ମନେହେଲା । କୌଶଲ୍ୟା ଅପେକ୍ଷା କରି ବସିଥିଲେ । ଏହି ସମୟରେ ଭରତ ପହଞ୍ଚି ପ୍ରଣାମ କଲେ, ଆଉ କହିଲେ ମା' ଶ୍ରୀରାମ ଲକ୍ଷ୍ମଣ ଆସୁଛନ୍ତି ।

ସର୍ବତ୍ର ଆନନ୍ଦ ଖେଳିଗଲା । ଅଯୋଧ୍ୟାକୁ ସୁସଜ୍ଜିତ କରାଗଲା । ଭରତଙ୍କୁ ଟିକିଏ ବୋଲି ନିଦ ହେଲା ନାହିଁ । ରାତିଟି କିପରି କଟିବ ସେ ଭାବିବାରେ ଲାଗିଲେ । ସମସ୍ତେ ଅଧୀର ହୋଇଉଠିଲେ । ସକାଳ ହେବାମାତ୍ରେ ଭରତ ପାଦୁକା ଯୁଗଳକୁ ପୂଜା କଲେ, ଆଉ ପାଦୁକା ଯୁଗଳକୁ ମସ୍ତକରେ ଧାରଣ କରି ସରଯୂ କୁଳକୁ ଆସିଲେ । ଏହିଠାରେ ବିମାନ ପହଞ୍ଚିବ ବୋଲି ଭରତ ଭାବିଥିଲେ । ଅଯୋଧ୍ୟାର ପ୍ରଜାମାନେ ବି ସେହିଠାରେ ରୁଣ୍ଡ ହୋଇଗଲେ ।

ସୀତାରାମଙ୍କ ଦର୍ଶନ ନିମନ୍ତେ ଆତୁର ଥିଲେ । ଦୂରରୁ ବିମାନ ଦେଖାଗଲା । ପ୍ରଜାମାନେ ଆନନ୍ଦ ବିହ୍ୱଳରେ କହିବାରେ ଲାଗିଲେ, ହେଇ ! ଶ୍ରୀରାମଚନ୍ଦ୍ର ମହାରାଜଙ୍କର ବିମାନ ଆସିଗଲା । ଏବେ ଦର୍ଶନ ମିଳିଯିବ । ବିମାନ ପାଖକୁ ଆସିଯିବା କ୍ଷଣି ଅଯୋଧ୍ୟାର ପ୍ରଜାମାନେ ସୀତାରାମଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ସୀତାରାମଙ୍କ ଜୟ ଜୟକାର କରି ପ୍ରଜାମାନେ କୋଳାହଳ କରିବାରେ ଲାଗିଲେ । ସରଯୂ କୁଳରେ ବିମାନ ଓହ୍ଲାଇଲା ।

ଚରଣପାଦୁକାକୁ ମସ୍ତକରେ ଧାରଣ କରି ଭରତ ସାଷ୍ଟାଙ୍ଗ ପ୍ରଣାମ କଲେ । କଠାଉ ଧାରଣ କରିଥିବା ଭରତଙ୍କୁ ଦେଖି ପ୍ରଭୁଙ୍କ ଚକ୍ଷୁଯୁଗଳ ଦ୍ରବିତ ହୋଇଗଲା । ମୋ ବିୟୋଗରେ ମୋ ଭାଇର ଦଶା ଏପରି ହୋଇଗଲା । ଭରତ ଅତି ଦୁର୍ବଳ ହୋଇ ଯାଇଥିଲେ । ଭରତଙ୍କୁ ତଳୁ ଉଠାଇ ପ୍ରଭୁ ଗାଢ଼ ଆଲିଙ୍ଗନ କଲେ । ଭରତ ଆଉ ଶ୍ରୀରାମ ଯେତେବେଳେ ଗାଢ଼ ଆଲିଙ୍ଗନବଦ୍ଧ ସେତେବେଳେ ଲୋକମାନେ କିଏ ଶ୍ରୀରାମ ଆଉ କିଏ ଭରତ ଜାଣିବା, ଚିହ୍ନିବା କଷ୍ଟକର ହୋଇଗଲା । ଦୁହିଁଙ୍କର ବର୍ଣ୍ଣ ଥିଲା ଏକାଭଳି । ଦୁହେଁ ବଳକଳ ବସ୍ତ୍ର ପରିଧାନ କରିଥିଲେ । ଦୁହିଁଙ୍କ ଶରୀର ଦୁର୍ବଳ ଥିଲା ।

ଏହାପରେ ଶ୍ରୀରାମ ଶତ୍ରୁଘ୍ନଙ୍କୁ ଆଲିଙ୍ଗନ କଲେ । ଅଯୋଧ୍ୟାର ପ୍ରଜାଙ୍କର ଆତୁରତା ଦେଖି ପ୍ରଭୁ ଅନେକ ଶରୀର ପ୍ରକଟ କରି ସେମାନଙ୍କୁ ଦର୍ଶନ ଦେଲେ । ଶ୍ରୀରାମଙ୍କ ପ୍ରତି ସେମାନଙ୍କର ଅନୁରାଗ ଥିଲା ଅପ୍ରମିତ । ତେଣୁ ଶ୍ରୀରାମ ସମସ୍ତଙ୍କୁ ଦର୍ଶନ ଦେଲେ ।

# ସ୍ୱର୍ବେଦ

**ଗୁପ୍ତ ପ୍ରକଟ ହେଁ ସମୟ ସେ, ନିତ୍ୟ ବ ଅକ୍ଷର ଜାନ ।**
**ସୃଷ୍ଟି ପାଦ ଅକ୍ଷର ରହେ, ବ୍ୟାପ୍ତ ଅକାଶ ମହାନ୍ । (୩୪)**

ଭାଷ୍ୟ: ଅକ୍ଷର ନିତ୍ୟ ବସ୍ତୁ ଅଟେ । ତାର ପ୍ରକଟ ଓ ଗୁପ୍ତ ହୋଇଥିବାରୁ ନିଜେ ନିଜେ କାଳରେ ସୃଷ୍ଟି ଓ ପ୍ରଳୟ ଉଭୟ ହୋଇଥାଏ । ଅକ୍ଷରର ନାଶ କେବେ ହୁଏ ନାହିଁ । ପ୍ରକଟ ହେଲେ ସୃଷ୍ଟି ଓ ଗୁପ୍ତ ଲୋପ ହୋଇଗଲେ ପ୍ରଳୟ ହୋଇଯାଏ । ଏକ ପାଦ ସୃଷ୍ଟି ମହା ଆକାଶ ମହାମଣ୍ଡଳରେ ଅକ୍ଷର ସର୍ବତ୍ର ବ୍ୟାପ୍ତ ହେଉଛି ଏବଂ ତାର ସର୍ବତ୍ର କ୍ରିୟା ହେଉଛି ଅର୍ଥାତ୍ ଏକ ପାଦ ଅକ୍ଷରର ନିବାସ କ୍ଷେତ୍ର ଅଟେ ଯେଉଁଥିରେ ଚରାଚର ସମସ୍ତ ସୃଷ୍ଟିର କ୍ରିୟା ହେଉଛି । ଅକ୍ଷର ଜଗତର ଆଦି ପ୍ରକାଶ ଅଟେ ।

**ଭେଦି ଯୋଗାଭ୍ୟାସ ମେଁ, ଦିବାଧାମ ପରକାଶ ।**
**ସୋ ଅକ୍ଷର ପରକାଶ ହେଁ, ପରୁ ଅଗ୍ର ସୁଖ ରାସ । (୩୫)**

ଭାଷ୍ୟ: ଚେତନ ଅନୁଭବ ପଥ ବିହଙ୍ଗମ ଯୋଗର ଅଭ୍ୟାସୀ ଦିବ୍ୟଧାମ ଅର୍ଥାତ୍ ଯୋଗର ଚତୁର୍ଥ ଭୂମିରେ ଯେଉଁ ପ୍ରକାଶକୁ ଦେଖେ ତାହା ଅକ୍ଷରର ପ୍ରକାଶ ଅଟେ । ପୂର୍ଣ୍ଣ ପ୍ରକାଶ ସଚ୍ଚିଦାନନ୍ଦ ପରବ୍ରହ୍ମଙ୍କ ମାର୍ଗ ତାଠାରୁ ଆମେ ସୂକ୍ଷ୍ମ ଅଟୁ । ସୁରତି ନିରତି ହୋଇ, ଅପରିଚ୍ଛିନ୍ନ ପରମାନନ୍ଦର ଉପଭୋଗ କରେ । ଅକ୍ଷର ପ୍ରକାଶରେ ନିଃଶବ୍ଦ ପରମ ପୁରୁଷର ମଣ୍ଡଳ ଆଗେ ଅତ୍ୟନ୍ତ ଗହନ ଅଟେ । ସାଧକ ଅନୁଭବ ତତ୍ତ୍ୱଜ୍ଞାନ ଦ୍ୱାରା ହିଁ ଅକ୍ଷର ଓ ନିଃଶବ୍ଦ ଭେଦକୁ ଜାଣିପାରିବ ।

**ପାଟ ବନ୍ଦ ହେଁ ଗଗନ କି, ବାହାର ରୋକ ପ୍ରକାଶ ।**
**ଅନ୍ଧକାର ଅନ୍ତର ରହେ, ମୋହ କର୍ମ ଜଗ ପାଶ । (୩୬)**

ଭାଷ୍ୟ: ଚେତନ ଅନୁଭବ ପଥ ଗଗନ ଦ୍ୱାରା କବାଟ ବନ୍ଦ ରହୁଥିବାରୁ ବାହାର ନିଃଶବ୍ଦର ପ୍ରକାଶ ରୋକିଥାଏ, ଯେଉଁଥିରେ ଆତ୍ମାର ପ୍ରକାଶ ମିଳେ ନାହିଁ । ଏହି କାରଣ




ଅନ୍ଧକାର ଭିତରେ ଥିବାରୁ ସଂସାରର ମୋହ ବନ୍ଧନ, ଜଗ ଆସକ୍ତି ଜୀବରେ ଛାଡେ ନାହିଁ ।

**ଖୁଲେ ଅଧର କିବାର ଜବ, ଅନ୍ତ ମିଟେ ଅନ୍ଧିୟାର ।**
**ଅନ୍ତର ଦୃଶ୍ୟ ବିଲୋକିୟେ, ରଚନା ଅପରମ୍ ପାର । (୩୭)**

ଭାଷ୍ୟ: ଯେବେ ସଦଗୁରୁ ଭେଦ ସାଧନ ଅଭ୍ୟାସ ଦ୍ୱାରା ଆକାଶର ଦ୍ୱାର ଖୋଲିଯାଏ, ତେବେ ଆତ୍ମାର ସମସ୍ତ ଅନ୍ତରି ଅନ୍ଧାର ଦୂର ହୋଇଯାଏ । ସେହି ବ୍ୟବସ୍ଥାରେ ନିଜର ଭିତର ଅନ୍ତ ମହାପ୍ରଭୁଙ୍କର ଯେଉଁ ଦୃଶ୍ୟ ହୁଏ, ତାକୁ ଚେତନ ଦୃଷ୍ଟିରେ ଦେଖନ୍ତୁ । ଅଧର କବାଟ ଖୋଲିଗଲେ ଆତ୍ମାର ଭିତର ପୂର୍ଣ୍ଣ ପ୍ରକାଶ ପ୍ରାପ୍ତ ହୁଏ । ସେହି ଚେତନ ଦୃଶ୍ୟକୁ ଯୋଗୀ ଜନ ପ୍ରତ୍ୟକ୍ଷ ଦେଖନ୍ତି । ପରବ୍ରହ୍ମ ପ୍ରକାଶରେ ହିଁ ଆତ୍ମାର ଅନ୍ଧକାର ଦୂର ହୁଏ ଓ ଚେତନ ଦୃଶ୍ୟ ପ୍ରକଟ ପ୍ରାପ୍ତ ହୁଏ ।

**ବିଘ୍ନ ସାଥ ହେଁ, ଭଜନ ମେଁ, ସଙ୍ଗ ବିରକ୍ତ ନ ରାଖ ।**
**ଜାହି ସାଥ ନହିଁ ଜଗତ କା, ତାହି ସାଥ ପ୍ରଭୁ ରାଖ । (୩୮)**

ଭାଷ୍ୟ: ବିରକ୍ତ ପାଇଁ ଭଜନରେ ଅନ୍ୟର ସଙ୍ଗ ବିଘ୍ନ ହୁଏ । ଏଥିପାଇଁ ପୂର୍ଣ୍ଣ ବିରକ୍ତ ଜ୍ଞାନବାନ ଯୋଗୀ କାହାକୁ ସାଙ୍ଗରେ ନ ରଖି ଏକୁଟିଆ ଭଜନ କରନ୍ତି । ଭଜନ ପୂର୍ଣ୍ଣ ରୂପେ ଏକଲା ହୁଏ । ସଂସାରୀ ମନୁଷ୍ୟର ସଙ୍ଗରେ ଅନେକ ଦ୍ୱନ୍ଦ, ଅଶାନ୍ତି ଏବଂ ମାୟା ପ୍ରପଞ୍ଚ ଆସେ । ଏଥିପାଇଁ ଯୋଗାଭ୍ୟାସୀକୁ ସଂସାରୀ ଲୋକଙ୍କ ଠାରୁ ଅଲଗା ରହି ଯୋଗାଭ୍ୟାସ କରିବା ଉଚିତ । ସମାଧିସ୍ଥ ପୂର୍ଣ୍ଣ ଯୋଗୀଶ୍ୱର ହେବାରୁ ସେହି ଯୋଗୀ ପୁରୁଷ ସଦଗୁରୁଙ୍କ ଆଦେଶ ଅନୁକୂଳ ସଂସାର ଭ୍ରମଣ କରି ବିଶ୍ୱର ଆଧ୍ୟାତ୍ମିକ କଲ୍ୟାଣ କରନ୍ତି । ଜଗତ ଯାହା ସାଙ୍ଗରେ ନାହିଁ ସେହି ପବିତ୍ର ଭକ୍ତକୁ ପ୍ରଭୁ ନିଜ ଶରଣରେ ରଖି ଜ୍ଞାନ ଓ ଆନନ୍ଦ ପୂର୍ଣ୍ଣ ରୂପରେ ଦେଇଥାନ୍ତି । ଏଥିପାଇଁ ବିରକ୍ତ ପୁରୁଷକୁ ଭିତର ବାହାର ସବୁ ଦିଗରୁ ସଂସାରକୁ ତ୍ୟାଗ କରି ପ୍ରଭୁଙ୍କ ଭଜନ କରିବା ଉଚିତ । ବିରକ୍ତ ଯୋଗାଭ୍ୟାସୀ ସଂସାରୀ ଲୋକଙ୍କ ଠାରୁ ପୃଥକ୍ ରହି ପ୍ରଭୁଙ୍କ ଉପାସନା କରିବେ, ତେବେ ତାଙ୍କୁ ସୁଖ ଶାନ୍ତି ମିଳିବ, ଅନ୍ୟଥା ସଂସାରୀ ଲୋକଙ୍କର ସମ୍ବନ୍ଧରେ ବିଘ୍ନ ଓ ଅନେକ ଉପଦ୍ରବ ସମ୍ମୁଖକୁ ଆସିବାରେ ଲାଗିବ ।

## ଭୃର୍ସୁଙ୍ଗର ଉପକାରିତା

**କେ**ହି କହନ୍ତି ଭୃର୍ସୁଙ୍ଗ ଗଛ ତ କେହି କେହି କହନ୍ତି ଭୁରୁସୁଙ୍ଗା ଗଛ । ସୁରଭି, ଗିରି ନିମ୍ବ, କାଟିନମ, କାରିଆପେଲା, କାରେପେକୁ ପରି ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ ଏହାର ପୃଥକ ନାଁ ରହିଛି । ଏହା ଏକ ସୁବାସିତ ପତ୍ରଯୁକ୍ତ ବୃକ୍ଷ । ଅତିବେଶୀରେ ପାଞ୍ଚ'/ଛ ମିଟର ଯାଏ ଏହା ବଢ଼ିପାରେ । ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ବେଳେ ଭୃର୍ସୁଙ୍ଗ ପତ୍ରକୁ ସାଧାରଣତଃ ବ୍ୟବହାର କରାଯାଇଥାଏ । ସମ୍ବର, ରସମ, କଢ଼ି, ଚଟଣି, ଛଣାଛଣି କରିବା ପାଇଁ ଛୁଙ୍କ ବା ବଘରାବଘରିରେ ଏହା ବ୍ୟବହାର କରାଯାଇଥାଏ ।



ଦକ୍ଷିଣ ଭାରତରେ ଭୃର୍ସୁଙ୍ଗ ପତ୍ରର ବହୁଳ ବ୍ୟବହାର ଦେଖିବାକୁ ମିଳେ । ଏହି ଗଛଟିର ଉତ୍ପତ୍ତି ସ୍ଥଳ ଭାରତ ଓ ଶ୍ରୀଲଙ୍କା ବୋଲି କୁହାଯାଏ । ଆମର ବାଡିବଗିଚାରେ ଏହି ଗଛଟି ଦେଖିବାକୁ ମିଳେ । ଏହାର ପତ୍ରଗୁଡିକ ଟିକେ ନିମ୍ବପତ୍ର ପରି ଦିଶୁଥିବାରୁ କେହି କେହି ଏହାକୁ ମିଠାନିମ୍ବ ବୋଲି ମଧ କହନ୍ତି । ତେବେ ତରକାରୀ ପତ୍ରରେ ଭୃର୍ସୁଙ୍ଗ ପତ୍ର ପଡିଥିଲେ ତାହାକୁ ଅନେକ ଆଡ଼େଇ ଦେଇଥାନ୍ତି । ମାତ୍ର ଏହା ଖାଦ୍ୟ ରୂପେ କେତେ ଯେ ଉପକାରୀ ତାହା ଆମେ ଜାଣିବା ଦରକାର ।

ଭୃର୍ସୁଙ୍ଗ ପତ୍ରରେ ଲୌହ ଏବଂ ଫଲିକ୍ ଏସିଡ୍ ରହିଛି । ଏହା ରକ୍ତହୀନତା ଦୂର କରେ । ରକ୍ତହୀନତାର ଶିକାର ହୋଇଥିବା ବ୍ୟକ୍ତି ପ୍ରତିଦିନ ଖାଲିପେଟରେ ଖଜୁରି ସହିତ ଦୁଇଟି ଭୃର୍ସୁଙ୍ଗ ପତ୍ର ଖାଆନ୍ତୁ । ଶରୀର ପୁଷ୍ଟି ପାଇଁ ଏହା ହିତକାରୀ ।

ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କଠାରେ ଯକୃତ ସମସ୍ୟା ଦେଖାଦେବାର ସମ୍ଭାବନା ଖୁବ୍ ବେଶି । ଆଉ କିଛି କାରଣରୁ ମଧ ଯକୃତ ସମସ୍ୟା ଦେଖାଦିଏ । ଯଦି ଆପଣ ଲିଭର୍ ବା ଯକୃତର ସୁରକ୍ଷା ଚାହୁଁଥାନ୍ତି ତେବେ ନିୟମିତ ନିଜର ଖାଦ୍ୟରେ ଭୃର୍ସୁଙ୍ଗ ପତ୍ର ସାମିଲ୍ କରନ୍ତୁ । ଏଥିରେ ଥିବା ଭିଟାମିନ୍ 'ଏ' ଏବଂ 'ସି' ଲିଭର୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ।

ଜର୍ଣ୍ଣାଲ ଅଫ୍ ପ୍ଲାଣ୍ଟଫୁଡ୍ ଫର ନ୍ୟୁଟ୍ରିସନର ଏକ ଅଧ୍ୟୟନରୁ ଜଣାଯାଇଛି ଭୃର୍ସୁଙ୍ଗ ପତ୍ରରେ ରହିଥିବା ଫାଇବର୍ ରକ୍ତଶର୍କରାର ସ୍ତରକୁ ହ୍ରାସ କରିଥାଏ । ଏହି ପତ୍ର ହଜମ ଶକ୍ତି ବୃଦ୍ଧି କରାଏ, ଓଜନ ହ୍ରାସ ବି କରାଏ । ତେଣୁ ମେଦବୃଦ୍ଧି ଓ ମଧୁମେହ ଆକ୍ରାନ୍ତ ବ୍ୟକ୍ତିମାନେ ଏହି ପତ୍ରକୁ ଖାଲି ପେଟରେ ହେଉ ବା ଖାଦ୍ୟରେ ହେଉ ନିଶ୍ଚୟ ଖାଇବା ଦରକାର ।

କୋଲେଷ୍ଟରଲ କମାଇବା ପାଇଁ ଏହାକୁ ରସୁଣ, ଦହି ଓ ମେଥି ସହିତ ଖିଆଯାଏ । ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗୀ ଭୃର୍ସୁଙ୍ଗ ପତ୍ରର ଚଟଣି ଖାଆନ୍ତୁ । ରକ୍ତରୁ କ୍ଷତିକାରକ କୋଲେଷ୍ଟରଲ କମ୍ କରିବାରେ ଏହାର ବଡ଼ ଭୂମିକା ରହିଛି । ସେହିପରି ରକ୍ତରେ ଉପଯୋଗୀ କୋଲେଷ୍ଟରଲ ବଢ଼ାଇବାରେ ମଧ ଏହାର ଆବଶ୍ୟକତା ରହିଛି । ଏହା ହୃଦରୋଗରୁ ରକ୍ଷା କରିଥାଏ ।

ଡାଇରିଆ ବା ଝାଡ଼ାରୋଗରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ଭୃର୍ସୁଙ୍ଗ ପତ୍ର ଲାଭଦାୟକ । ଏହା ପେଟର ବିଭିନ୍ନ ସମସ୍ୟାକୁ ଦୂର କରିଥାଏ ।

ଗର୍ଭଧାରଣ ପୂର୍ବରୁ ନାରୀର ଏବଂ ମାତୃଗର୍ଭରେ ଭ୍ରୁଣର ବିକାଶ ଓ ବୃଦ୍ଧିରେ ଭୃର୍ସୁଙ୍ଗ ପତ୍ର ସହାୟକ ହୋଇଥାଏ । କାଶ ଓ ଅଧକପାଳି ଆଦି ରୋଗରୁ ରକ୍ଷା ପାଇବା ପାଇଁ ଏହାକୁ ଖାଦ୍ୟରେ ସାମିଲ୍ କରନ୍ତୁ ।

କେଶ ପାଚିବା, କେଶ ଝଡିବା ପରି ରୋଗରୁ ରକ୍ଷା କରିବା ସହ କେଶ ବଢ଼ିବାରେ ସାହାଯ୍ୟ କରିଥାଏ ଭୃର୍ସୁଙ୍ଗ ପତ୍ର । ଏଥିପାଇଁ ଆପଣ ଏହାର ପତ୍ରକୁ ଖାଇ ପାରିବେ ଏବଂ ମୁଣ୍ଡରେ ମଧ ଲଗାଇ ପାରିବେ । କେଶକୁ ମଜଭୂତ କରିବା, ରୁପି ଦୂର କରିବା ଏବଂ କେଶକୁ ଅକାଳପକ୍ୱରୁ ରକ୍ଷା କରିବା ପାଇଁ ଭୃର୍ସୁଙ୍ଗ ପତ୍ର ରସରେ ୧୦୦ ମିଲ.ଲି ନଡିଆ ତେଲ ମିଶାଇ ତାହା କଳା ପଡିବା ଯାଏଁ ଗରମ କରନ୍ତୁ । ଏହାକୁ ମୁଣ୍ଡରେ ଲଗାନ୍ତୁ ।

## ଯନ୍ତ୍ରଣା ଲାଘବ କରେ ଆଲିଙ୍ଗନ

**ଆ**ଲିଙ୍ଗନ କଲେ ଶରୀରର ଅନେକ ଉପକାର ହୋଇଥାଏ । ଏହାଦ୍ୱାରା ମାନସିକ ଚାପ ହ୍ରାସ ପାଇବା ସହିତ ହୃଦ୍‌ଘାତ ଚାପ ହ୍ରାସ ପାଇବା ସହିତ ହୃଦଘାତ ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ତେଣୁ ଏହାକୁ ଚିକିତ୍ସା ବିଜ୍ଞାନରେ ଆଲିଙ୍ଗନ ଥେରାପି କୁହାଯାଉଛି । ସସ୍ନେହ ଆଲିଙ୍ଗନ ସମୟରେ ଶରୀରରୁ ଅକ୍ସିଟୋସିନ୍ ନାମକ ହରମୋନ୍ କ୍ଷରଣ ହୋଇଥାଏ । ଏହାଦ୍ୱାରା ମା ପିଲା, ସ୍ତ୍ରୀ- ସ୍ୱାମୀ, ଭଉଣୀ, ଭାଇ ତଥା ପ୍ରେମୀଯୁଗଳଙ୍କ ମଧରେ ସମ୍ପର୍କ ହୋଇଥାଏ ସୁଦୃଢ଼ । ଆଲିଙ୍ଗନ ସମୟରେ ଶରୀର ଓ ମନରେ ଖୁସିର ଲହରି ଖେଳି ଯାଇଥାଏ । ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ । ଶରୀରର କୌଣସି ଅଙ୍ଗରେ ଯନ୍ତ୍ରଣା ହେଲେ ମସାଜ୍ କରିବାକୁ ପରାମର୍ଶ ଦିଆଯାଇଥାଏ । ଏହାଦ୍ୱାରା ଆରାମ ଲାଗିଥାଏ । ସେହିପରି ମାନସିକ ସ୍ତରରେ ଯନ୍ତ୍ରଣା ଭୋଗୁଥିଲେ ଏକ ସ୍ନେହପୂର୍ଣ୍ଣ ଆଲିଙ୍ଗନ ମସାଜ୍ ପରି କାମକରେ । ଜଣେ ମା' ନିଜ ସନ୍ତାନକୁ ଛାତିରେ କୁଣ୍ଢାଇ ଧରି ତା' ପ୍ରତି ଅନ୍ତରର ସ୍ନେହ ଶ୍ରଦ୍ଧାକୁ ଢ଼ାଳି ଦେଇଥାଏ । ଗର୍ଭଧାରଣ ସମୟରେ ମା' ଶରୀରକୁ ଅକ୍ସିଟୋସିନ୍ ହରମୋନ୍ କ୍ଷରଣ ହୋଇଥାଏ ଯାହା ତାକୁ ସନ୍ତାନ ସହ ନିବିଡ କରାଇଥାଏ । ସେହିପରି ଦାମ୍ପତ୍ୟ ଜୀବନରେ ଆଲିଙ୍ଗନର ବିଶେଷ ମହତ୍ତ୍ୱ ରହିଛି । ଆଲିଙ୍ଗନ ଦାମ୍ପତ୍ୟ ସମ୍ପର୍କରେ ଦ୍ୱିଧାବୋଧକୁ ନିମିଷକେ ଦୂର କରିଦେଇଥାଏ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ହୋଇଛି ।



## ଆପଣ ଜାଣନ୍ତି କି ?

- ହାତୀ ଦୈନିକ ୨ ରୁ ୩ ଘଣ୍ଟା ଶୋଇଥାନ୍ତି । ଅନ୍ୟ ସମୟଗୁଡିକୁ ଏମାନେ କେବଳ ଖାଇବାରେ ବ୍ୟବହାର କରନ୍ତି ।
- ଯୁବା ହାତୀ ସେମାନଙ୍କ ଲମ୍ବା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୂଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧୀ ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ଡାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ ।
- ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।
- ସବୁଠାରୁ ଚତୁର ତଥା ବୟୋଜ୍ୟେଷ୍ଠ ମାଈ ହାତୀ ହିଁ ହାତୀ ଗୋଠର ମାର୍ଗ ଦର୍ଶକ ହୋଇଥାଏ ।
- ପୁରୁଷ ହାତୀମାନେ ୧୨ ବର୍ଷର ହୋଇଯିବା ପରେ ନିଜ ଇଚ୍ଛା ଅନୁଯାୟୀ ଗୋଠ ଛାଡି ପଳାଇ ଯାଇ ପାରନ୍ତି । ସମ୍ପୂର୍ଣ୍ଣ ବୁଢ଼ା ନ ହେବା ପର୍ଯ୍ୟନ୍ତ ଏମାନେ ନିଜର ଏକ ସ୍ୱତନ୍ତ୍ର ଗୋଠ କରି ସ୍ୱାଧୀନ ଜୀବନ ବଞ୍ଚନ୍ତି ।

## କହିପାରିବେ କି ?

୧) ଆର୍ଯ୍ୟମାନେ ଭାରତକୁ କେଉଁଠାରୁ ଆସିଥିଲେ ?
(୨) ଶ୍ରୀରାମଚନ୍ଦ୍ରଙ୍କୁ ଲକ୍ଷ୍ମଣଙ୍କ ଜୀବନ ରକ୍ଷା ପାଇଁ ସଞ୍ଜୀବନୀ ବୁଟିର ରହସ୍ୟ କେଉଁ ବୈଦ୍ୟ କହିଥିଲେ ?
(୩) ବିଶ୍ୱରେ ପ୍ରଥମେ କାଗଜମୁଦ୍ରା କେଉଁ ଦେଶ ପ୍ରଚଳନ କରିଥିଲା ?
(୪) ସ୍ୱଚ୍ଛ ଭାରତ ଅଭିଯାନ କେବେ ଆରମ୍ଭ ହୋଇଥିଲା ?
(୫) ଫଳ ଉପରେ ଅଧ୍ୟୟନକୁ କ'ଣ କୁହାଯାଏ ?
(୬) ବିଶ୍ୱ ରେଡ଼କ୍ରସ ଦିବସ କେବେ ପାଳନ କରାଯାଏ ?
(୭) ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସରଙ୍କ ନାମ କ'ଣ ?
(୮) 'ୱେଟିଂ ଫର୍ ଦ ମହାତ୍ମା' ପୁସ୍ତକର ଲେଖକ କିଏ ?
(୯) ସ୍ୱରାଜ ମୋର ଜନ୍ମଗତ ଅଧିକାର ସ୍ଲୋଗାନ କିଏ ଦେଇଥିଲେ ?
(୧୦) କେଉଁ ଦେଶ ପରିବେଶ ସୁରକ୍ଷା ପାଇଁ 'ଗ୍ରୀନ୍ ଆର୍ମି'ର ଆରମ୍ଭ କରିଥିଲା ?

### JUMBLE WORDS

| | | | |
|---|---|---|---|
| 1) CUPKL | = | 6) RYEDB | = |
| 2) MYDIL | = | 7) BRALER | = |
| 3) DONIEI | = | 8) NCTEEI | = |
| 4) LVRAOF | = | 9) SRAHH | = |
| 5) CITYH | = | 10) NLKPA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ସୁବ୍ରତ ଦାସ, ୨. ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ୩. ବାବର, ୪. ଗ୍ରାବିଏଲ୍ ଲିମ୍ପ୍‌ମ୍ୟାନ, ୫. ମୟ ଦାନବ, ୬. ଅଧିକୋଷ, ୭. ରାମକୃଷ୍ଣ ନନ୍ଦ, ୮. ହୋୟାଂହୋ, ୯. ୧୯୯୮, ୧୦. ରାଫେଲ୍‌ସିଆ ।

***Jumble Words*** ର ଉତ୍ତର :-

(1) CABIN (2) ABATE (3) AMBUSH (4) HIGHLY (5) WIDTH
(6) HANDY (7) COUSIN (8) ARCADE (9) SUEDE (10) SALSA

# ସମ୍ବାଦ ମଞ୍ଚ ପାଠକ

ଡକ୍ଟର ପ୍ରଦୀପ ମହାପାତ୍ର
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

'କୋଭିଡ୍-୧୯' ମହାମାରୀ-ପର ପରିବର୍ତ୍ତିତ ପରିବେଶ 'ନିଉ-ନରମଲ'ରେ ବିଶ୍ୱବ୍ୟାପୀ ସମ୍ବାଦ ମଞ୍ଚଗୁଡ଼ିକ ଲୋକପ୍ରିୟତା ହରାଇ ବସୁଥିବା ଆଶଙ୍କା ଘନୀଭୂତ ହେବାରେ ଲାଗିଛି। ଭିନ୍ନ ଭିନ୍ନ ସାମାଜିକ, ଅର୍ଥନୀତିକ ଓ ବୈଷୟିକ ପରିବେଶ ଆଧାରରେ ସମ୍ବାଦ ମଞ୍ଚଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଅଲଗା ରହୁଥିବା ସ୍ଥଳେ ସାମଗ୍ରୀକ ଭାବେ କେତେଗୋଟି ମୌଳିକ ଧାରା ଚିହ୍ନଟ କରାଯାଇପାରେ। ତଥ୍ୟକେନ୍ଦ୍ରୀକ ସ୍ଥିତାବସ୍ଥାର ଗଭୀର ଅନୁଶୀଳନ ଏବଂ ତୁରନ୍ତ ସମାଧାନର ପନ୍ଥା ନିର୍ଦ୍ଧାରଣ ମୁଖ୍ୟତଃ ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ନିମନ୍ତେ ଜରୁରୀ ହୋଇପଡ଼ିଛି।

ପ୍ରଥମତଃ, ସମ୍ବାଦ ମଞ୍ଚର ପାଠକ ଓ ଗ୍ରାହକଙ୍କ ସଂପର୍କରେ ଆଲୋଚନା କରାଯାଉ। ବ୍ରିଟେନର 'ରଏଟର ଇନଷ୍ଟିଚିଉଟ ଫର ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ' ଆନୁକୂଲ୍ୟରେ ପ୍ରକାଶିତ 'ଡ଼ିଜିଟାଲ ନିଉଜ ରିପୋର୍ଟ ୨୦୨୧'ରେ ଦର୍ଶାଯାଇଛି ଯେ ୫୦ ବର୍ଷୋତ୍ତର ଜନସାଧାରଣ ସମ୍ବାଦ ମଞ୍ଚର ସର୍ବାଧିକ ପାଠକ ଓ ଗ୍ରାହକ। ଭାରତ ସମେତ ୪୬ ଗୋଟି ରାଷ୍ଟ୍ରରେ ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ଏହି ତଥ୍ୟ ଉଭୟ ପାରମ୍ପରିକ ଓ ଡ଼ିଜିଟାଲ ସମ୍ବାଦ ମଞ୍ଚ ନିମନ୍ତେ ପ୍ରଯୁଜ୍ୟ।

ସାଧାରଣରେ ସମ୍ବାଦ ପାଠକଙ୍କ ମଧ୍ୟରେ ପ୍ରକାଶକ ଓ ସମ୍ପାଦକମାନେ ୧୫ ରୁ ୩୪ ବର୍ଷ ବୟସ୍କଙ୍କ ସଂଖ୍ୟା ଏକତୃତୀୟାଂଶ ହିସାବ କରିଥାନ୍ତି। ଏମାନେ କ୍ରମଶଃ ସମ୍ବାଦ ମଞ୍ଚର ସଂଗଠିତ ଅଙ୍ଗୀକରୁ ଅପସରି ଯାଇ ସୋସିଆଲ ମିଡ଼ିଆରେ ପ୍ରସାରିତ ସମ୍ବାଦରେ ସନ୍ତୁଷ୍ଟ ହେଉଥିବା ସୁସ୍ପଷ୍ଟ। ଯୁବବର୍ଗର ପାଠକ ଫେସବୁକ, ହ୍ୱାଟସଆପ, ଟୁଇଟର, ୟୁଟ୍ୟୁବ ଭଳି ମଞ୍ଚରେ ସମ୍ବାଦ ଆହରଣ ଏବଂ ନିଜ ଘନିଷ୍ଠ ବନ୍ଧୁବର୍ଗଙ୍କ ଗହଣରେ ସମ୍ବାଦ ଚର୍ଚ୍ଚାକୁ ଅଧିକ ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ କରାଯାଏ।

ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ ସୋସିଆଲ ମିଡ଼ିଆ ଧାରା ମହାନଗରୀଠାରୁ ଆରମ୍ଭ କରି ଅଖ୍ୟାତ ପଲ୍ଲୀ ଯାଏଁ ଏକାକାର ହୋଇପଡ଼ିଛି। ସ୍ମାର୍ଟଫୋନ ଓ ମୋବାଇଲ କମ୍ପ୍ୟୁଟିଂ ଡିଭାଇସେସ ବ୍ୟବହାର ଏବଂ ସୋସିଆଲ ମିଡ଼ିଆରେ ଦୀର୍ଘ ସମୟ ଉପସ୍ଥିତି ପରୋକ୍ଷରେ ସମ୍ବାଦ ମଞ୍ଚଗୁଡ଼ିକର ଆଧିପତ୍ୟ ନ୍ୟୁନ କରିବାରେ ଲାଗିଛି। ଡ଼ିଜିଟାଲ ପରିବେଶରେ ଉପଭୋକ୍ତାମାନେ ଦୈନିକଭିତ୍ତିରେ ଦୀର୍ଘ ସମୟ ଅତିବାହିତ କରୁଥିଲେ ମଧ୍ୟ ସୋସିଆଲ ମିଡ଼ିଆ ତୁଳନାରେ ସମ୍ବାଦ ମଞ୍ଚରେ କମ ସମୟ ବିନିଯୋଗ କରନ୍ତି ଏବଂ ସୋସିଆଲ ମିଡ଼ିଆରୁ ଲିଙ୍କ ପାଇ ସମ୍ବାଦ ମଞ୍ଚରେ ପହଞ୍ଚିଥାନ୍ତି।

ଅପରପକ୍ଷେ ପ୍ରଶ୍ନ ଉଠେ, ପାରମ୍ପରିକ ସମ୍ବାଦ ମଞ୍ଚ, ଉଦାହରଣରେ ମୁଦ୍ରିତ ସମ୍ବାଦପତ୍ରର ପାଠକ ଓ ଗ୍ରାହକଙ୍କ ମଧ୍ୟରେ ଯଦି ୫୦ ବର୍ଷୋତ୍ତରଙ୍କ ସଂଖ୍ୟା ଅଧିକ, ତେବେ ସେମାନଙ୍କ ରୁଚି ଓ ଆବଶ୍ୟକତାକୁ ସୁହାଇବା ଭଳି ସମ୍ପାଦକୀୟ ନୀତି ଉପଯୋଗ କରାଯାଉଛି କି? ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ମୁଦ୍ରିତ ସମ୍ବାଦପତ୍ର ବୟସ୍କ, ଶିକ୍ଷିତ ଓ ଆର୍ଥିକ ଦିଗରୁ ସ୍ୱଚ୍ଛଳ ବର୍ଗ ପାଠ କରୁଥିବା ତଥା ଗ୍ରାହକ ଶ୍ରେଣୀଭୁକ୍ତ ହେଉଥିବା ସ୍ଥଳେ ଆମ ସମ୍ବାଦପତ୍ର ସମାଜର ନବସାକ୍ଷର, ଅର୍ଥନୀତି ଦୃଷ୍ଟିରୁ ଅନଗ୍ରସରଙ୍କ ରୁଚିକୁ ସୁହାଇଲା ଭଳି ସମ୍ବାଦ ପ୍ରଯୋଜନା ମାନସିକତା ପରିବର୍ତ୍ତନର ସମୟ ଉପନୀତ। ଚାଞ୍ଚଲ୍ୟ, ଗୁଜବ ବଦଳରେ ଗଭୀର ଅନୁଶୀଳନ ଓ ବ୍ୟବହାର ଯୋଗ୍ୟ ସମ୍ବାଦ ପରିବେଷଣ ବୟସ୍କ ସମ୍ବାଦ ପାଠକମାନଙ୍କୁ ସନ୍ତୁଷ୍ଟ କରିବା ସଙ୍ଗେ ଯୁବବର୍ଗଙ୍କୁ ସୋସିଆଲ ମିଡ଼ିଆର ବିକଳ୍ପ ମଞ୍ଚ ଭାବେ ଆକୃଷ୍ଟ କରିବା ସମ୍ଭବ।

ଦ୍ୱିତୀୟତଃ, ମୌଳିକ ସମ୍ବାଦ ପ୍ରଯୋଜନାରେ ଶିଥିଳତା ପାରମ୍ପରିକ ସମ୍ବାଦ ମଞ୍ଚଗୁଡ଼ିକ ଆକର୍ଷଣ ହରାଉଥିବା ଅନ୍ୟତମ କାରଣ ରୂପେ ବିବେଚନା କରାଯାଏ। ଯୁକ୍ତରାଷ୍ଟ୍ର ଆମେରିକାର ଡ୍ୟୁକ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୧୮ରେ ଶହେଗୋଟି ପ୍ରକାଶନ ସ୍ଥଳୀରେ ଷୋହଳ ହଜାର ଆଞ୍ଚଳିକ ସ୍ତରୀୟ ସମ୍ବାଦ ମଞ୍ଚରେ ସମ୍ବାଦ ତର୍ଜମାରୁ ଜଣାପଡ଼ିଥିଲା ଯେ ପ୍ରକାଶିତ ସମ୍ବାଦର ମାତ୍ର ୧୭ ପ୍ରତିଶତ ପ୍ରକୃତରେ ଆଞ୍ଚଳିକ ସ୍ତରରେ ପ୍ରଯୋଜିତ ହୋଇଥାଏ। ପାଶ୍ଚାତ୍ୟ ଭୂଖଣ୍ଡର ଏହି ତଥ୍ୟ ଊଣାଅଧିକେ ସର୍ବତ୍ର ପ୍ରଯୁଜ୍ୟ। ଓଡ଼ିଶା ଉଦାହରଣରେ ପ୍ରାୟ ଦଶ ଗୋଟି ଓଡ଼ିଆ ସମ୍ବାଦପତ୍ର ବ୍ରହ୍ମପୁରରୁ ଅନ୍ୟୁନ ୧୨ ପୃଷ୍ଠା ବିଶିଷ୍ଟ ଦୈନିକ ସଂସ୍କରଣ ପ୍ରକାଶ କରୁଥିବା ସ୍ଥଳେ ବ୍ରହ୍ମପୁରର ସ୍ଥାନୀୟ ସମ୍ବାଦ ୧୭ ପ୍ରତିଶତରୁ କମ ସିନା କେବେ ଅଧିକ ନୁହଁ। ଏଥିମଧ୍ୟରୁ କେତେ ସଂଖ୍ୟକ ସମ୍ବାଦ ପ୍ରେସରିଲିଜ ଭିତ୍ତିକ ତାହା ତ ଅନ୍ୟ କଥା।

ପାରମ୍ପରିକ ସମ୍ବାଦ ମଞ୍ଚର ଆଞ୍ଚଳିକ ସଂସ୍କରଣ ଗୁଡ଼ିକରେ ସ୍ଥାନୀୟ ସମ୍ବାଦ ଖୋଜି ନିରାଶ ହେବା ପରେ ପାଠକ ସୋସିଆଲ ମିଡ଼ିଆ ମୁହାଁ ହେଉଥିବା ଏକ ବିଶେଷ କାରଣ। ଏକପକ୍ଷରେ ସୋସିଆଲ ମିଡ଼ିଆରେ ଗଭୀର ଆଞ୍ଚଳିକ 'ହାଇପର ଲୋକାଲ'ସ୍ତରରେ ସମ୍ବାଦ ବିନିମୟ ହେଉଥିବା ସ୍ଥଳେ ସାଧାରଣ ପାଠକ ନିଜ ପରିଚିତ ବର୍ଗଙ୍କ ଆଚରଣ ଓ ଲୋଭହାନୀ ସମ୍ବାଦପ୍ରତି ଅଧିକ ସମ୍ବେଦନଶୀଳ।

ତୃତୀୟତଃ, ପରିବର୍ତ୍ତିତ ପରିବେଶରେ ଉଭୟ ପାରମ୍ପରିକ ଓ ଡ଼ିଜିଟାଲ ସମ୍ବାଦ ମଞ୍ଚର ସଫଳତା ମୁଖ୍ୟତଃ ସମ୍ପାଦକୀୟ ପରାକାଷ୍ଠା ଉପରେ ପର୍ଯ୍ୟବସିତ। ଜାତୀୟସ୍ତରରେ ସମ୍ବାଦ ମଞ୍ଚଗୁଡ଼ିକ ବୃହତ ବ୍ୟବସାୟ ପରିସରଭୁକ୍ତ ହେତୁ ପୁଞ୍ଜିନିବେଶ ସମ୍ଭବପର ହୋଇଥାଏ। ଏହା ସମ୍ପାଦକୀୟ ଗୁଣବତ୍ତା ବିକାଶରେ ସହାୟକ। ତେବେ ଆଞ୍ଚଳିକ ସ୍ତରରେ ସମ୍ବାଦ ମଞ୍ଚଗୁଡ଼ିକ ନିଜକୁ ବଞ୍ଚାଇ ରଖିବା ନିମନ୍ତେ ଅହରହ ସଂଗ୍ରାମ କରୁଥିବା ହେତୁ ସମ୍ପାଦକୀୟ ନୀତି ପ୍ରଯୋଜନାରେ ସ୍ୱାଧୀନତା କିମ୍ବା ସ୍ୱଚ୍ଛଳତା ହାସଲ କରିପାରନ୍ତି ନାହିଁ। ପରୋକ୍ଷରେ ପକ୍ଷପାତିତା କାରଣରୁ ପାଠକୀୟ ବିଶ୍ୱାସ ହରାଇ ବସନ୍ତି।

ଟେକ୍ସାସ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ବିଶେଷଜ୍ଞଙ୍କ ଅନୁଶୀଳନରେ ସମ୍ବାଦ ମଞ୍ଚଗୁଡ଼ିକର ପାଠକ ସଂଖ୍ୟା କମି ଆସୁଥିବା ହେତୁ ଉଭୟ ଗ୍ରାହକ ଓ ବିଜ୍ଞାପନ ଆୟ ବ୍ୟବସାୟକୁ ପ୍ରଭାବିତ କରିବାରେ ଲାଗିଛି। ସମ୍ବାଦ ମଞ୍ଚରେ ବିଜ୍ଞାପନ ଆୟ ୧୮୦ ବର୍ଷରୁ ଅଧିକ କାଳ ଧରି ବ୍ୟାବସାୟିକ କ୍ଷତି ଭରଣା କରିଚାଲିଥିଲା। ତେବେ ସମ୍ବାଦ ସହ ବିଜ୍ଞାପନର କୌଣସି ସଂପର୍କ ନାହିଁ। ଏହିଭଳି ସଂଯୋଗ ସଂପୂର୍ଣ୍ଣ ଆକସ୍ମିକ। ବର୍ତ୍ତମାନ ଅନଲାଇନରେ ଯିଏ ସାମଗ୍ରୀ ଖୋଜୁଛି ତା' ପରଦାରେ ବିଜ୍ଞାପନ ପ୍ରଦର୍ଶିତ ହେଉଛି। ଅର୍ଥାତ ନିର୍ଦ୍ଦିଷ୍ଟ ଦ୍ରବ୍ୟ ବା ସେବାର ଗ୍ରାହକକୁ ପ୍ରଭାବିତ କରିବାଲାଗି ବିଜ୍ଞାପନ ରାସ୍ତା ବଦଳାଇ ସାରିଲାଣି। ଏହି ଧାରାରୁ ବିଚ୍ୟୁତି ଆଶା କରିବା ନିର୍ବୋଧତା ପ୍ରମାଣିତ ହେବ।

ଆଞ୍ଚଳିକ ସମ୍ବାଦମଞ୍ଚଗୁଡ଼ିକ ସମ୍ପାଦକୀୟ ଓ ଅର୍ଥନୀତିକ ବିଷଚକ୍ର 'ଭିସିୟସ ସର୍କଲ'ରୁ ମୁକ୍ତି ପାଇବା ଲାଗି ସୁଚିନ୍ତିତ, ତଥ୍ୟାଶ୍ରିତ, ବାସ୍ତବାମୁଖୀ, ଯୋଜନାବଦ୍ଧ, ଦୀର୍ଘମିଆଦୀ ଉଦ୍ୟମ କରିବାକୁ ପଡ଼ିବ। ବିଶ୍ୱାସ ରଖିବାକୁ ପଡ଼ିବ ଯେକୌଣସି ଯୋଜନା ନିଷ୍ଠାପର ଭାବେ ଲାଗୁକଲେ ଶତପ୍ରତିଶତ ନହେଲେ ସୁଦ୍ଧା ସାମାନ୍ୟରୁ ମଧ୍ୟମ ଧରଣର ସୁଫଳ ପ୍ରତ୍ୟେକ କ୍ଷେତ୍ରରେ ସଂଭବ। ଗଣମାଧ୍ୟମ ବିଶେଷଜ୍ଞ ମାନେ କହୁଛନ୍ତି ଯେ ଆଞ୍ଚଳିକ ସମ୍ବାଦ ମଞ୍ଚକୁ ବଞ୍ଚାଇବା ପାଇଁ ପ୍ରକାଶନ ଗତ ସମସ୍ୟାଗୁଡ଼ିକ ସହଜରେ ସମାଧାନ କରାଯାଇ ପାରିବ। କିନ୍ତୁ ଉପଭୋକ୍ତା, ଅର୍ଥାତ ପାଠକ, ଶ୍ରୋତା ଓ ଦର୍ଶକ ଯଦି ସମ୍ବାଦ ମଞ୍ଚରୁ ସମ୍ବାଦ ଆହରଣରେ ବିମୁଖ ହାଇପଡୁଛନ୍ତି, ତାହା ସଜାଡ଼ିବା ଲାଗି ପ୍ରାଥମିକତା ଦେବାକୁ ପଡ଼ିବ। ପଚାଶ ବର୍ଷ ପୂର୍ବେ ଓଡ଼ିଶାର ବଡ଼ ସହରରେ 'ଫାଷ୍ଟ-ଡ଼େ-ଫାଷ୍ଟ-ସୋ' ସିନେମା ଟିକଟ ଖଣ୍ଡେ ପାଇଁ ରକ୍ତାକ୍ତ ସଂଘର୍ଷ ଉଦାହରଣର ଅଭାବ ନଥିବା ସ୍ଥଳେ ଆଜି ଚଳଚିତ୍ର ପ୍ରେକ୍ଷାଳୟ ଖୋଲିବା ପାଇଁ ସାହସ ଯୁଟୁ ନାହିଁ। ଏଥିରୁ ସମ୍ବାଦ ମଞ୍ଚଗୁଡ଼ିକର ଶିଖିବାର ନାହିଁ କି?

# ଧର୍ମ ହିଁ ଜୀବନର...

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ମନୁସ୍ମୃତି ଅନୁସାରେ ଧୈର୍ଯ୍ୟ, କ୍ଷମା, ଦମ, ଅସ୍ତେୟ, ଶୁଚିତା, ଇନ୍ଦ୍ରିୟ ନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ, ଏସବୁ ମାନବ ଧର୍ମର ଦଶଟି ଲକ୍ଷଣ। ଏହି ଗୁଣଗୁଡିକୁ ଧାରଣ କରିବା ହିଁ ଧର୍ମକୁ ଧାରଣ କରିବା ହୋଇଥାଏ।

ଯେତେବେଳେ ବ୍ୟକ୍ତି ଏହି ଗୁଣଗୁଡ଼ିକୁ ଧାରଣ କରିଥାଏ, ସେ ସ୍ୱଭାବତଃ ନିଜ ସ୍ୱଧର୍ମର, କର୍ତ୍ତବ୍ୟର ପାଳନ ବହୁତ ନିଷ୍ଠା ଓ ସଚ୍ଚୋଟତାର ସହିତ କରିବାରେ ଲାଗିଯାଏ। ଏହାର ଅର୍ଥ ହେଲା ସେ ପୁରୁଷାର୍ଥ ପ୍ରାପ୍ତି କରିବା ସମୟରେ ମଧ ଧର୍ମ ବିଷୟରେ ସମ୍ପୂର୍ଣ୍ଣ ଅବଗତ ରହିଥାଏ। ଉଚିତ ଅନୁଚିତ, ନୈତିକ-ଅନୈତିକ ଉପାୟକୁ ମନ ମଧ୍ୟରେ ହେଜିଥାଏ। ସେ କାମ ଅର୍ଥାତ୍ ନିଜର କାମନା, ଇଚ୍ଛାପୂର୍ତ୍ତିରେ ମଧ ଧର୍ମର ପାଳନ କରିଥାଏ। ସେ ନିଜର ଇଚ୍ଛାପୂର୍ତ୍ତି, କାମନାପୂର୍ତ୍ତି ପାଇଁ ଅନୁଚିତ ବା ଅନୈତିକ ଉପାୟ ଗ୍ରହଣ କରେ ନାହିଁ।

ଏହିପରି ଜୀବନର ପ୍ରତ୍ୟେକ କର୍ମକୁ ଧର୍ମ ଦୃଷ୍ଟିରୁ କରି କରି ବ୍ୟକ୍ତିର ଜୀବନ ନୈସର୍ଗିକ ରୂପେ ଧର୍ମମୟ ହୋଇଯାଏ। ତା'ର ଚିତ୍ତ ପବିତ୍ର ହେବାକୁ ଲାଗେ ଏବଂ ସେ ମୋକ୍ଷର ଅଧିକାରୀ ହୋଇଯାଏ। ତା'ର ଜୀବନରୁ ସମସ୍ତ ପ୍ରକାର ମୋହ କ୍ଷୟ ହୋଇଯାଏ। ସେ ମୁକ୍ତ ହୋଇଯାଏ। ସେ ଭବବନ୍ଧନରୁ ମୁକ୍ତ ହୋଇଯାଏ। ସେ ଜୀବନ ମରଣର ବନ୍ଧନରୁ ମୁକ୍ତ ହୋଇଯାଏ ଏବଂ ଏହି ପ୍ରକାର ଲୌକିକ ଓ ପାରଲୌକିକ, ଭୌତିକ ଓ ଆତ୍ମିକ ଉଭୟ ଦୃଷ୍ଟିରୁ ବ୍ୟକ୍ତି ଲାଭରେ ହିଁ ରହିଥାଏ। ସେ ଲୌକିକ ଓ ପାରଲୌକିକ ଉଭୟ ଜୀବନର ଆନନ୍ଦକୁ ପ୍ରାପ୍ତ କରିଥାଏ। ନିଃସନ୍ଦେହ ଧର୍ମ ହିଁ ମାନବ ଜୀବନର ଆଧାର ଏବଂ ଯେଉଁ ବ୍ୟକ୍ତିର ଜୀବନରେ ଏହି ଆଧାର ଯେତେ ସଶକ୍ତ, ସେ ସେତେ ସମର୍ଥ ସୁଖୀ। ଏହାକୁ ଧାରଣ କରି ହିଁ ଆମେ ନିଜ ଜୀବନକୁ ଆନନ୍ଦରେ ପରିପୂର୍ଣ୍ଣ କରିପାରିବା।

# ରୋଗ ପ୍ରତିରୋଧକ ଶକ୍ତି ଓ ପିଜୁଳି

ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସବୁବେଳେ ପ୍ରଖର ରହିବା ଦରକାର। କାରଣ ଏହା ଆମକୁ କେତେକ ରୋଗ କବଳରୁ ଅନେକାଂଶରେ ରକ୍ଷା କରିଥାଏ। ତେବେ ଏଥିପାଇଁ ଖାଦ୍ୟ ପେୟ ପ୍ରତି ଧ୍ୟାନ ଦେବାକୁ ପଡେ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ପିଜୁଳି ଖାଆନ୍ତି, ତା'ହେଲେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ସକ୍ରିୟ ରହିଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି। କାରଣ ପିଜୁଳି ହେଉଛି ଭିଟାମିନ୍ 'ସି'ର ଏକ ଉତ୍ସ। ତେଣୁ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ ବୋଲି ୟୁନିଭର୍ସିଟି ଅଫ୍ ସିଡନୀର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି।



ଏହା ବ୍ୟତୀତ ପିଜୁଳି ଖାଇବା ଦ୍ୱାରା ମେଦବହୁଳତା ପରି ସମସ୍ୟାରୁ ଜଣେ ନିଜକୁ ଦୂରେଇ ରଖିପାରିବେ। ତା' ସହ କ୍ୟାନସରକୁ ପ୍ରତିରୋଧ କରିବାର ଶକ୍ତି ପିଜୁଳି ନିକଟରେ ରହିଛି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାକୁ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ।

# ଇନଫେକଶନ କମାଏ ଲେମ୍ବୁପାଣି

ଲେମ୍ବୁପାଣିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ପାଣିରେ ଏଭଳି ତତ୍ତ୍ୱ ରହିଛି, ଯାହା ଇନଫେକଶନ ବା ସଂକ୍ରମଣ କମାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କାଲିଫର୍ନିଆ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏ ସମ୍ପର୍କରେ ଏକ ଗବେଷଣା କରି ଉପରୋକ୍ତ ତଥ୍ୟ ବିଷୟରେ ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଲେମ୍ବୁପାଣିରେ ଫ୍ଲାଭୋନାଏଡ୍ ନାମକ ତତ୍ତ୍ୱ ରହିଛି, ଯାହା ପେଟଜନିତ ରୋଗ ଦୂର କରିବାରେ ସହାୟକ ହୋଇଥାଏ।



ପ୍ରତିଦିନ ସକାଳେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଚର୍ବି କମାଇଥାଏ। ଏହାକୁ ନିୟମିତ ପିଇଲେ ତାହା ରକ୍ତଚାପ, କ୍ଲାନ୍ତିରୁ ଅନେକାଂଶରେ ଉପଶମ ଦେଇଥାଏ। ଏହି ପାଣିରେ ଭିଟାମିନ୍ 'ସି' ଭରି ରହିଛି, ଯାହା ଅସ୍ଥିକୁ ମଜଭୁତ ରଖିଥାଏ।

# ଏମ୍ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ଦାବିରେ ସୁନ୍ଦରଗଡ଼ ବନ୍ଦ

ସୁନ୍ଦରଗଡ଼ : ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ଥିବା ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ରେ ଏମ୍ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ଦିଗରେ କେନ୍ଦ୍ର ସରକାରଙ୍କ ନିରବତା ପ୍ରତିବାଦରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୧୨ ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ ପାଳିତ ହୋଇ ଯାଇଛି । ଏହାକୁ ସୁନ୍ଦରଗଡ଼ ନାଗରିକ କମିଟି ସମର୍ଥନ ଜଣାଇଛି ।

ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାର ସଦର ମହକୁମାରେ ଏମ୍ସ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ଥିବା ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇବା ପରେ ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶିକା ବି.ଗୀତାଞ୍ଜଳିଙ୍କ ନେତୃତ୍ୱରେ ଏକ ୯ ଜଣିଆ ବୈଷୟିକ ଦଳ ସୁନ୍ଦରଗଡ଼ ଆସି ଭିତ୍ତିଭୂମି ଅନୁଧାନ କରିଥିଲେ । ବର୍ତ୍ତମା ନ ସୁଦ୍ଧା କେନ୍ଦ୍ର ସରକାର ଏ ଦିଗରେ କୌଣସି ସହମତି ଦେଇ ନ ଥିବାରୁ ଏଠାରେ ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ଏନଟିପିସି ପକ୍ଷରୁ ୫ ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରସ୍ତୁତ ହୋଇ ରହିଥିବା ବେଳେ ଏମ୍ସ ପାଇଁ ଆବଶ୍ୟକ ୨ ଶହ ଏକର ଜମି ଓ ଅନ୍ୟାନ୍ୟ ଭିତ୍ତିଭୂମି ଓ ଜିଲ୍ଲା ଖଣିଜ ପାଣ୍ଠିରୁ ଆବଶ୍ୟକ ଅର୍ଥ ଯୋଗାଇ ଦେବା ପାଇଁ ଏହି ବୈଷୟିକ ଦଳକୁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛି । ହେଲେ ରାଜ୍ୟ ସରକାର ଏନଟିପିସିର ନବନିର୍ମିତ ମେଡିକାଲ କଲେଜ ଓ ହସ୍ପିଟାଲରେ ନିଜେ ମେଡିକାଲ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେବା ପରେ ସୁନ୍ଦରଗଡ଼ରେ ଏମ୍ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ନେଇ ଅନିଶ୍ଚିତତା ଦେଖା ଦେଇଛି । ସୁନ୍ଦରଗଡ଼ରେ ଏମ୍ସ ଶାଖା ପ୍ରତିଷ୍ଠା ହେଲେ ପଶ୍ଚିମ ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ଓ ଝାଡଖଣ୍ଡ ରାଜ୍ୟର ଲୋକେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇ ପାରିବେ । ଏ ସମ୍ପର୍କରେ ସମ୍ବଲପୁର ନାଗରିକ କଲ୍ୟାଣ ସମିତି, ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହି ଜିଲ୍ଲାରୁ ସିଂହଭାଗ ରାଜସ୍ୱ ଲାଭ ପାଉଥିବା ବେଳେ ସେହି ତୁଳନାରେ ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଏମ୍ସ ଶାଖା ପ୍ରତିଷ୍ଠା କରିବାକୁ ପଛଘୁଞ୍ଚା କାହିଁକି ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ ପ୍ରଶ୍ନ କରିଛନ୍ତି ।

# ଝାରସୁଗୁଡ଼ା ପୋଷ୍ଟ ଅଫିସ 'ଐତିହ୍ୟ ସୌଧ' ଘୋଷଣା ହେଉ: ଧର୍ମେନ୍ଦ୍ର ପ୍ରଧାନ

ଝାରସୁଗୁଡ଼ା : ଝାରସୁଗୁଡ଼ାର ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସକୁ 'ଐତିହ୍ୟ ପୋଷ୍ଟ ଅଫିସ୍ ସୌଧ' ଭାବେ ଘୋଷଣା କରିବା ସହ ଏହାର ପୁନଃଉଦ୍ଧାର, ରକ୍ଷଣାବେକ୍ଷଣ ଓ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ କେନ୍ଦ୍ର ଦୂରସଂଚାର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବେଙ୍ଗଲ- ନାଗପୁର ରେଳଲାଇନରେ ଝାରସୁଗୁଡ଼ା ରେଳ ଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ୧୮୯୫ ମସିହାରେ ଝାରସୁଗୁଡ଼ା ପୋଷ୍ଟ ଅଫିସ ସ୍ଥାପନା କରାଯାଇଥିଲା । ସ୍ୱାଧୀନତା ପୂର୍ବରୁ ପଶ୍ଚିମ ଓଡ଼ିଶାରେ ଝାରସୁଗୁଡ଼ା ଅର୍ଥନୈତିକ ପେଣ୍ଠସ୍ଥଳି ଭାବେ ପରିଣତ କରିବାରେ ଏହି ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଭାରତରେ ଭାରତୀୟ ଡାକ ସେବା ଦ୍ୱାରା ବିହାର, ଦିଲ୍ଲୀ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଥିବା ପ୍ରଦେଶ ଐତିହ୍ୟ ପୋଷ୍ଟ ଅଫିସର ରକ୍ଷଣାବେକ୍ଷଣ କରାଯିବା ସହ ଭାରତୀୟ ଡାକ ସେବାର ଗୌରବମୟ ଇତିହାସ, ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱକୁ ଦୃଷ୍ଟିରେ ରଖି ପୋଷ୍ଟ ଅଫିସକୁ ଐତିହ୍ୟ ପୋଷ୍ଟ ଅଫିସ୍ ଭାବେ ମାନ୍ୟତା ଦେବା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ୧୮୯୫ ମସିହାରେ ସ୍ଥାପିତ ଝାରସୁଗୁଡ଼ା ପୋଷ୍ଟ ଅଫିସର ଇତିହାସ ଏବଂ ଜିଲ୍ଲାର ବିକାଶ ପ୍ରତି ଥିବା ଅବଦାନକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ହସ୍ତକ୍ଷେପ କରି ଏହାକୁ ଐତିହ୍ୟ ପୋଷ୍ଟ ଅଫିସ ଭାବେ ମାନ୍ୟତା ଦେବା ସହ ପୁନଃରୁଦ୍ଧାର କରିବା ପାଇଁ ପତ୍ରରେ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ସର୍ବୋଚ୍ଚ କ୍ରୀଡ଼ା ପୁରସ୍କା...

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସେ ଅଲିମ୍ପିକ୍ସରେ (୧୯୨୮, ୧୯୩୨ ଓ ୧୯୩୬ରେ) ତିନି ଥର ସ୍ୱର୍ଣ୍ଣପଦକ ଜିତି ଭାରତକୁ ଗୌରବାନ୍ୱିତ କରିଥିଲେ । ହକିରେ ଧ୍ୟାନଚାନ୍ଦଙ୍କ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ହକିର ଯାଦୁକର ବା ଭାରତୀୟହକିର ଜନକ କୁହାଯାଏ । ତାଙ୍କ ଜନ୍ମଦିନକୁ ଭାରତରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ । ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଟିମର ପ୍ରଦର୍ଶନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦି ଖେଳରତ୍ନ ପୁରସ୍କାରକୁ ତାଙ୍କ ନାମରେ ପରିବର୍ତ୍ତିତ କରିଛନ୍ତି, ଯାହାକି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ଦିଆଯାଉଥିଲା । ୧୯୯୧-୯୨ ରେ ଆରମ୍ଭ ହୋଇଥିବା ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଥମେ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କୁ ଦିଆଯାଇଥିଲା । ପରେ ଲିଆଣ୍ଡର ପେସ୍, ସଚିନ ତେନ୍ଦୁଲକର, ଧନରାଜ ପିଲ୍ଲେ, ପୁଲ୍ଲେଲା ଗୋପୀଚାନ୍ଦ, ଅଭିନବ ବିନ୍ଦ୍ରା, ଅଞ୍ଜୁ ବବି ଜର୍ଜ, ମେରି କମ୍ ଓ ରାଣୀ ରାମପାଲଙ୍କ ଭଳି ସୁନାମଧନ୍ୟ କ୍ରୀଡ଼ାବିତଙ୍କୁ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମାନପତ୍ର ସହ ପୁରସ୍କାର ରାଶି ବାବଦକୁ ୨୫ ଲକ୍ଷ ଟଙ୍କା ମଧ ଦିଆଯାଇଥାଏ ।

## ସାଗରପାଲି ଠାରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ସୋନପୁର : ସୋନପୁର ବ୍ଲକ ସ୍ଥିତ ସାଗରପାଲି ଗ୍ରାମର ଗଙ୍ଗାଧର ମେହେର ପାଠାଗାର ପରିସରରେ ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ସରକାରଙ୍କ କୋଭିଡ ମାର୍ଗଦର୍ଶିକା ପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ହରିଚରଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୭ ଜଣ ଗ୍ରାମବାସୀ ନୂତନ ଭାବେ ସଂଚୟ ଖାତା ଖୋଲିବା ପାଇଁ ଫର୍ମ ପୂରଣ କରି ସ୍ୱଳ୍ପ ସଂଚୟ ଯୋଜନାକୁ ପ୍ରୋତ୍ସାହିତ କରିଥିବାରୁ ବିଭାଗ ତରଫରୁ ବିଶେଷ ପ୍ରଶଂସା କରାଯାଇଥିଲା । ଏହି ଶିବିରରେ ସର୍ବ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ, ଶାଖା ପରିଚାଳକ ଭାରତୀୟ ଡାକ ଦେୟ ବ୍ୟାଙ୍କ ଗୁରୁଦେବ ମେହେର ସାମ୍ବାଦିକ ସିକନ୍ଦର ସାମନ୍ତରାୟ, ଶାଖା ପୋଷ୍ଟ ମାଷ୍ଟର ଦୁଃଖୀଶ୍ୟାମ ସେଠୀ, ସଞ୍ଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ବିଧାୟକଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ ଓ ବିଜେଡିର ମିଶ୍ରଣ ପର୍ବ

ଝାରସୁଗୁଡ଼ା : ଝାରସୁଗୁଡା ଜିଲ୍ଲା ବିଜେଡ଼ି ସଭାପତି ତଥା ବିଧାୟକ କିଶୋର ମହାନ୍ତିଙ୍କ ଉପସ୍ଥିତିରେ ପରସିଆଁ ଗାଁରେ ଶତାଧିକ ଛାତ୍ର ଯୁବକ ଓ ମହିଳା ବିଜେଡିରେ ଯୋଗ ଦେଇଛନ୍ତି । ବିଧାୟକ ଶ୍ରୀ ମହାନ୍ତି ସମସ୍ତ ନୂତନ ସଭ୍ୟଙ୍କୁ ପୁଷ୍ପଗୁଚ୍ଛ ସହ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଯଜ୍ଞ ମଣ୍ଡପର ଭିତ୍ତିପ୍ରସ୍ତର ବିଧାୟକ ଶ୍ରୀ ମହାନ୍ତିଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲଖନପୁର ବ୍ଲକ ବିଜେଡି ସଭାପତି ରବିରତ୍ନ ପଧାନ, ବ୍ଲକ ଯୁବ ସଭାପତି ନରେଶ ଖମାରୀ ଏବଂ ବିଜୁ ଛାତ୍ର ଜନତା ଦଳ ସଭାପତି ଝସକେତନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।

## କଂଗ୍ରେସ ପକ୍ଷରୁ ସାରର ଅଭାବି ବିକ୍ରୀ ନେଇ ଜିଲ୍ଲା କୃଷି କାର୍ଯ୍ୟାଳୟ ଘେରାଉ

ସୋନପୁର : ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସାରର ଅଭାବି ବିକ୍ରୀ ନେଇ ଜିଲ୍ଲା କୃଷି କାର୍ଯ୍ୟାଳୟ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ବ୍ଲକ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲା କୃଷି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଉପ କୃଷି ନିର୍ଦ୍ଦେଶକଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

## ପରସିଆଁରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୩୦ ୟୁନିଟ ରକ୍ତ ସଂଗ୍ରହ

ଝାରସୁଗୁଡ଼ା : ଲଖନପୁର ବ୍ଲକ କଦମଡ଼ିହି ଗ୍ରାମପଞ୍ଚାୟତ ସ୍ଥିତ ପରସିଆଁ ଗାଁରେ ଓଡିଶା ମୋ



ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଆୟାଜନ ହୋଇଥିଲା । ଝାରସୁଗୁଡା ଜିଲ୍ଲା ଓଡିଶା ମୋ ପରିବାରର ସଂଯୋଜକ ତ୍ରିନାଥ ଗୁଆଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ କିଶାର ମହାନ୍ତି ମୁଖ୍ୟଅତିଥି ଏବଂ ନିମନ୍ତ୍ରିତ ଅତିଥି ରୂପେ ଝାରସୁଗୁଡା ଗୋପାଳଜୀ ମଠର ମହନ୍ତ ଦାମୋଦର ଦାସ ମହାରାଜ ଯୋଗଦେଇଥିଲେ । ଜିଲ୍ଲା ରକ୍ତ ଭଣ୍ଡାର ତରଫରୁ ଡ଼ା ସିଲବନ୍ତି ଜୋଜୋଙ୍କ ନେତୃତ୍ୱରେ କିରଣ ସାହୁ, ଦୋଳଗୋବିନ୍ଦ ଛଞ୍ଛାଣ,ଭବାନୀ ଶଙ୍କର ସୁନାନୀ ରକ୍ତଦାତା ମାନଙ୍କ ଠାରୁ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ବ୍ଲକ ଅଧକ୍ଷା ଶାନ୍ତି ପଧାନ, ଜିଲ୍ଲା ପରିଷଦ ଉପାଧକ୍ଷା ପଙ୍କଜିନି ପଧାନ, ସମିତି ସଭ୍ୟା ପୁଷ୍ପାଞ୍ଜଳି ଭାଇ, ଜିଲ୍ଲା ବିଜେଡି ଉପସଭାପତି ବିଶ୍ୱନାଥ ନାୟକ ଓ ସଞ୍ଜିତ ପଧାନ, ବ୍ଲକ ବିଜେଡି ସଭାପତି ରବିରତ୍ନ ପଧାନ, ପୂର୍ବତନ ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁ, ବ୍ଲକ ସାଧାରଣ ସମ୍ପାଦକ ନରେନ୍ଦ୍ର ଗଡତିଆ, ସମାଜସେବୀ ଅଭୟ ଚରଣ ହୋତା, ବ୍ଲକ ଯୁବ ସଭାପତି ନରେଶ ଖମାରୀ, ଛାତ୍ର ବିଜେଡ଼ି ସଭାପତି ଝସକେତନ ବିଶ୍ୱାଳ, କଦମଡ଼ିହି ପଞ୍ଚାୟତ ସଭାପତି ପଞ୍ଚାନନ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳେ ବେଣୁଧର ପଧାନ, ମହାଜନ ପଟେଲ, ବଳରାମ ଡନସନା, ନିତ୍ୟାନନ୍ଦ ପଟେଲଙ୍କ ସମେତ ପରସିଆଁ ଗ୍ରାମବାସୀ ସହଯୋଗ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ସମ୍ବଲପୁର ସାଂସଦ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଭେଟିଲେ

ସମ୍ବଲପୁର: ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ୨୦୧୦ ମସିହାରୁ ସ୍ଥାପିତ ହୋଇଥିଲେ ହେଁ ଦୀର୍ଘ ବର୍ଷ ପରେ ମଧ ବିଦ୍ୟାଳୟର ନିଜସ୍ୱ କୋଠା ନାହିଁ । ସେଥି ପାଇଁ ବିଦ୍ୟାଳୟଟି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋଠାରେ ଅସ୍ଥାୟୀ ଭାବେ ଚାଲୁଅଛି । ଏତଦ୍‌ବ୍ୟତୀତ ଶିକ୍ଷକ ଓ କର୍ମଚାରୀ ଅଭାବ ସାଙ୍ଗକୁ ଖେଳ ପଡିଆ, ଲାଇବ୍ରେରୀ, ବିଜ୍ଞାନାଗାର ଆଦି ବିଭିନ୍ନ ଆନୁଷଙ୍ଗିକ ସୁବିଧାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି । ତେଣୁ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ, ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଏବଂ ଶିକ୍ଷକ ନିଯୁକ୍ତି ସହ ବିଦ୍ୟାଳୟକୁ 'ହାର୍ଡ ଷ୍ଟେସନ' ମାନ୍ୟତା ଆଦି ପାଇଁ ସମ୍ବଲପୁର ଲୋକସଭା ସାଂସଦ ନୀତେଶ ଗଙ୍ଗଦେବ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସଂସଦ ଭବନ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସାଂସଦଙ୍କ ଦାବିପତ୍ରର ଯଥାର୍ଥତା ଥିବା ପ୍ରକାଶ କରିବା ସହ ଯଥାଶୀଘ୍ର ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ସମସ୍ତ ଆବଶ୍ୟକତା ପୂରଣ ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ସାଂସଦ ଶ୍ରୀ ଗଙ୍ଗଦେବ ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ





ଯେ ରାଜ୍ୟ ସରକାର ନୂଆଁ ବାଳିରଇ ଠାରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୧୦ ଏକର ଜମି ଯୋଗାଇ ଦେଇଛନ୍ତି ।

ସେହିପରି ଭାରତ ସ୍ୱାଧୀନ ହେବାର ଇତି ମଧରେ ୭୩ ବର୍ଷ ବିତି ଯାଇଥିଲେ ମଧ ଦେବଗଡ଼ ଜିଲ୍ଲାକୁ ଅଦ୍ୟାବଧି ରେଳ ଲାଇନ୍ ସଂଯୋଗ ହୋଇ ପାରି ନ ଥିବା ସମ୍ପର୍କରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସାକ୍ଷାତ ସମୟରେ ଶ୍ରୀ ଦେବ କହିଥିଲେ ଯେ, ଦେବଗଡ଼ ଜିଲ୍ଲାର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରେଳ ସଂଯୋଗର ଆବଶ୍ୟକତା ରହିଥିବା ଦୃଷ୍ଟିରୁ ଜିଲ୍ଲାକୁ ରେଳଲାଇନ ସଂଯୋଗ ପାଇଁ ଦେବଗଡ଼ ଜିଲ୍ଲାବାସୀ ଦାବି କରି ଆସୁଥିଲେ । ଦାବିପତ୍ରରେ ଜିଲ୍ଲାର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରେଳମନ୍ତ୍ରୀଙ୍କୁ ଝାରସୁଗୁଡ଼ା-କୁଚିଣ୍ଡା- ଦେବଗଡ଼- ବାରକୋଟ - ପାଲଲହଡ଼ା ଦେଇ ପାରାଦ୍ୱୀପକୁ ରେଳ ଲାଇନ ସଂଯୋଗ ପାଇଁ ୫୦୦ କୋଟି ଟଙ୍କାର ଏକ ସପ୍ଲିମେଣ୍ଟାରୀ ବଜେଟ ପ୍ରସ୍ତୁତ କରିବା ପାଇଁ ଦାବି କରିଛନ୍ତି । ଏହାସହ ଜିଲ୍ଲାର ବାରକୋଟ୍ ବ୍ଲକକୁ ସଂଯୋଗ କରିବାକୁ ଥିବା ନିର୍ମାଣାଧୀନ ତାଳଚେର - ବିମଳାଗଡ଼ (୧୫୪ କି.ମି) ରେଳ ଲାଇନ ନିର୍ମାଣର ଅଗ୍ରଗତି ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ତୁରନ୍ତ ଜମି ହସ୍ତାନ୍ତର କରିବାକୁ ଦାବି କରିଥିଲେ ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ




ସମ୍ବଲପୁର : ବିଶ୍ୱ ସନ୍ତ୍ୟପାନ ସପ୍ତାହ ପାଳନ ଅବସରରେ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବୋମାଲୋଈ, ଜଙ୍ଗଲା ଓ ଘିଚାମୁରା ପଞ୍ଚାୟତର ୧୦୪ ରୁ ଉର୍ଦ୍ଧ୍ୱ, ଗର୍ଭବତୀ ମହିଳା, ଶିଶୁ ତଥା କିଶୋରୀ ବାଳିକା ମାନଙ୍କୁ ସାମିଲ କରି ସ୍ତନ୍ୟପାନର ଉପାଦେୟତା ତଥା ଏହାର ଅଭାବରେ ଉପୁଜି ଥିବା ସମସ୍ୟା, ସୁଷମ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ଅଂଶ ଗ୍ରହଣ କରିଥିବା କୁ ପୋଷଣର ଶିକାର ଥିବା ମହିଳାମାନଙ୍କୁ ଚିହ୍ନଟିକରଣ କରାଯାଇ ୭୫ ଜଣ ମହିଳା ଓ ଶିଶୁ ମାନଙ୍କ ନିମନ୍ତେ ପୁଷ୍ଟିକର ରେସନ କିଟ ପ୍ରଦାନ କରାଯାଇଥିଲା । ଘିଚାମୁରା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଡାକ୍ତର ଦେବସ୍ମିତା ସେନାପତି, ଡାକ୍ତର ସ୍ୱପ୍ନିକା ଯୋଗଦାନ କରି ସ୍ତନ୍ୟପାନ ଉପରେ ବିଷଦ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିଥିଲେ । ସପ୍ତାହ ବ୍ୟାପି ଉକ୍ତ କାର୍ଯ୍ୟକ୍ରମ ଗୁଡିକ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ରୀମତୀ ଶ୍ୱେତା ଉପାଧ୍ୟାୟ ଓ ସହ ପ୍ରବନ୍ଧକ ମନୋରଂଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହିତ ଆୟୋଜିତ ହୋଇ ପାରିଥିଲା ।

# ସମ୍ବଲପୁର ଟାଉନଥାନାରେ ରକ୍ତଦାନ ଶିବିର



ସମ୍ବଲପୁର: ସ୍ଥାନୀୟ ଟାଉନ ଥାନା ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । କରୋନା ମହାମାରୀ ସମୟରେ ରକ୍ତର ଘୋର ଅଭାବ ଦେଖା ଦେଇଥିବା ବେଳେ ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଏଭଳି ଶିବିର ଆୟୋଜନ କରାଯାଉଛି । ଫଳରେ ଲୋକେ ସୁବିଧାରେ ରକ୍ତ ପାଇପାରୁଛନ୍ତି । ଅତିରିକ୍ତ ଏସପି ଅମରେଶ ପଣ୍ଡା ଓ ତପନ ମହାନ୍ତି ଏହି ଶିବିରକୁ ଉଦଘାଟନ କରିଥିଲେ । ଏଥିରେ ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ, କନଷ୍ଟେବଲ ଓ ହାବିଲଦାର ସଂଘ ସଭାପତି ରାମଦାସ ପଣ୍ଡା, ଏସଆଇ ଅମର ହୋତାଙ୍କ ସମେତ ଥାନା କର୍ମଚାରୀ ସହଯୋଗ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଲ ଓ ସାଥୀ ସଦସ୍ୟ ଶିବିର ପରିଚାଳନା କରିଥିଲେ ।

# ଗାନ୍ଧୀଙ୍କ ବ୍ରହ୍ମପୁର ପରିଦର୍ଶନର ଶତବାର୍ଷିକୀ ଅବସରରେ ସ୍ମରଣିକା ପ୍ରକାଶ ପାଇବ

ବ୍ରହ୍ମପୁର : ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନ ଶତବାର୍ଷିକୀ ଉତ୍ସବ ପାଳନ ସ୍ମରଣିକା କମିଟିର ଏକ ବୈଠକ ସ୍ଥାନୀୟ କେ.ସି. ପବ୍ଲିକ ସ୍କୁଲ ପରିସରରେ ପାଳନ କମିଟିର ଅଧକ୍ଷ ତଥା ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ପୂର୍ବରୁ ନିର୍ଦ୍ଧାରିତ କରାଯାଇଥିବା ସ୍ମରଣିକା 'ଗାନ୍ଧୀ ସୌରଭ' ଆସନ୍ତା ଅକ୍ଟୋବର ୨ ତାରିଖରେ ଉନ୍ମୋଚନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସ୍ମରଣିକା ପାଇଁ ଆବଶ୍ୟକୀୟ ବ୍ୟୟ ଅଟକଳ କରାଯାଇଥିଲା ।

ବୈଠକରେ କାର୍ଯ୍ୟକାରୀ ସଭାପତି ତଥା ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡା, ଶତବାର୍ଷିକୀ ଆୟୋଜନ କମିଟିର ସଂଯୋଜକ ବରିଷ୍ଠ ସାମ୍ବାଦିକ ରବି ରଥ, ସ୍ମରଣିକା କମିଟିର ମୁଖ୍ୟ ପ୍ରଫେସର ମେଜର ରମାରମଣ ପାଢ଼ୀ, ଅନ୍ୟତମ ସମ୍ପାଦକ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ଡ଼. ପ୍ରଫୁଲ ଚନ୍ଦ୍ର ମହାନ୍ତି, ଲୋକ



ସେବକ ମଣ୍ଡଳ ସଦସ୍ୟ ରାଜେନ୍ଦ୍ର ଜେନା, ଡ଼. ବନମାଳୀ ପାଣିଗ୍ରାହୀ, ଡ଼ା.ସାଗର ରଞ୍ଜନ ତ୍ରିପାଠୀ, କେ.ସି. ପବ୍ଲିକ ସ୍କୁଲର ଅଧକ୍ଷ ଅଶୋକ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇ ବ୍ରହ୍ମପୁରରେ ଗାନ୍ଧିଜୀଙ୍କ ଗତ ୩୦ ମାର୍ଚ୍ଚରେ କାର୍ଯ୍ୟକ୍ରମ ବେଶ ସଫଳତାର ସହ ଅନୁଷ୍ଠିତ ହୋଇଯାଇଥିବାରୁ ଏ ସମ୍ପର୍କରେ ସାଂସଦ ଶ୍ରୀ ସାହୁ ଓ ବିଧାୟକ ଶ୍ରୀ ପଣ୍ଡାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ପୂର୍ବରୁ ନିଷ୍ପତ୍ତି ହୋଇଥିବା ସ୍ମରଣିକା ପାଇଁ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କ ଠାରୁ ୪୦ରୁ ଉର୍ଦ୍ଧ୍ୱ ଲେଖା ସଂଗୃହୀତ ହୋଇଛି ଏବଂ ଏହା ପ୍ରାୟ ୨୫୦ ପୃଷ୍ଠା ସମ୍ବଳିତ ସ୍ମରଣିକା ପ୍ରକାଶ ପାଇବାର ସ୍ଥିରୀକୃତ ହୋଇଛି । ସଭା ଶେଷରେ ସଂଯୋଜକ ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଗ୍ରାମ ଗୁରୁପାଲିରେ କ୍ୱିଜ୍ ପ୍ରତିଯୋଗିତା

ସମ୍ବଲପୁର : ଭବିଷ୍ୟତ ପିଢ଼ୀକୁ ନିଜର ଗ୍ରାମ, ଅଞ୍ଚଳ ଓ ବରପୁତ୍ର ମାନଙ୍କ ସମ୍ପର୍କରେ ସଚେତନ କରିବା ପାଇଁ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମର ବ୍ରଜୌଲି ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଏକ ଅଭିଯାନ ଆରମ୍ଭ ହୋଇଛି । ଅନୁଷ୍ଠାନର ସଂଯୋଜକ ଶ୍ୟାମ ସୁନ୍ଦର ମିଶ୍ରଙ୍କ ନେତୃତ୍ୱରେ ଗ୍ରାମ ତଥା ଆଖପାଖ ଅଞ୍ଚଳର ଯୁବକମାନେ ଏଥିରେ ସାମିଲ ହୋଇଛନ୍ତି । ବିଭିନ୍ନ ସମୟରେ ଛାତ୍ରଛାତ୍ରୀମାନଙ୍କ ମଧରେ ପ୍ରତିଯୋଗିତାମାନ ଆୟୋଜନ କରାଯିବାକୁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧରେ ଏକ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଗ୍ରାମର ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସଙ୍ଗଠନର ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରି ସଂଗଠନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଗ୍ରାମର ଯୁବ ସମାଜସେବୀ ଲକ୍ଷ୍ମଣ ବାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ଶ୍ୟାମ ସୁନ୍ଦର ମିଶ୍ର ବିବରଣୀ ପ୍ରଦାନ କରିଥିଲେ । ଷଡାସିଂହା ଗ୍ରାମର ସମାଜସେବୀ କିଶୋର ଛତର ଉଦ୍‌ବୋଧନ ଦେଇ, 'ପଶ୍ଚିମ ଓଡିଶାର ଗାନ୍ଧୀ' ରୂପେ ପରିଚିତ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜନ୍ମସ୍ଥାନ ଗୁରୁପାଲି ଗ୍ରାମର ଉନ୍ନତି ବିଧାନ ନିମନ୍ତେ ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସର୍ବଶ୍ରୀ ଭୀଷ୍ମଦେବ ବାଗ, ପ୍ରସନ୍ନ କୁମାର ଦାଶ, ଦୟାସାଗର ରାଓ, ଅଜୟ କୁମାର ଦାଶ, ଶାନ୍ତନୁ ବିଶ୍ୱାଳ, ଅଶ୍ୱିନୀ ଅଦାବର, ଅର୍ଜୁନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra